# ଘୂର୍ଣ୍ଣିଝଡ଼ରେ ଉଡ଼ିଗଲା ୩ ପରିବାରର ଛପର



**ରାଜନଗର,୨୨।୩(ସମିସ):** ରାଜନଗର ବ୍ଲକ ରଂଗଣୀ ପଞ୍ଚାୟତ ପଟ୍ଟାପାରିଆ ଗାଁରେ ଆଜି ଘୂର୍ଣ୍ଣିଝଡରେ ୩ଟି ପରିବାରର ଘର ଛପରକୁ ଉଡାଇ ନେବା ସହ ଘର ଭିତରେ ଥିବା ଆସବାସପତ୍ର ଓ ବିଭିନ୍ନ ସାମଗ୍ରୀକୁ ଉଡାଇ ନେଇଛି। ଏପରିକି ଘରର ଆଜବେଷ୍ଟସକୁ ଗୋଟିଏ କିଲୋମିଟର ଦୂର ଯାଏଁ ଉଡାଇ ନେଇ ଫୋପାଡିଛି। ଏହି ଘୂର୍ଣ୍ଣିଝଡ ଯୋଗୁଁ ଗୋଟିଏ ପରିବାରର ୩ଜଣ ନାବାଳିକା ଆହତ ହୋଇଛନ୍ତି। ସୂଚନା ମୁତାବକ ଆଜି ଦିନ ପ୍ରାୟ ୨ଟା ୧୦ମିନିଟ ସମୟରେ ହଠାତ୍ ଘୂର୍ଣ୍ଣିଝଡ ଆସିଥିଲା। ଘୂର୍ଣ୍ଣିଝଡରେ ପଟ୍ଟାପାରିଆ ଗାଁର କୈଳାସ ଦାସଙ୍କ ୩ ବଖରା ଆଜବେଷ୍ଟସ ଘରର ଆଜବେଷ୍ଟସକୁ ଉଡାଇ ନେଇଛି। ଆଜବେଷ୍ଟ ଉଡାଇ ନେବା ସହ ଘର ଭିତରେ ଥିବା ଲୁଗାପଟା, ହାଣ୍ଡି, କଡାଇ ଓ ଖା।।ଦ୍ୟକୁ ତଥା ରନ୍ଧା ଖା।।ଦ୍ୟକୁ ମଧ୍ୟ ଉଡାଇ ଏଣେତେଣେ ଫୋପାଡିଛି। ଏହି ଆଜବେଷ୍ଟ ଘରେ ଥିବା ରୀନାରାଣୀ ଦାସ (୧୪ବର୍ଷ), ମୀନାରାଣୀ ଦାସ (୧୫ବର୍ଷ), ସୁଭଦ୍ରା ଗିରି (୧୬ବର୍ଷ)ଙ୍କ ଗୋଡ ହାତ ଓ ମୁହଁରେ ଆଜବେଷ୍ଟସ୍ଟ ବାଜି ଆହତ ହୋଇଛନ୍ତି। ୩ଜଣଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏଥିସହିତ ଏହି ଗାଁର ହିମାଂଶୁ ମଣ୍ଡଳଙ୍କ ୧ ବଖରା ଚାଳ ଛପର ଘର ଓ ଝାଡେଶ୍ୱର ମଣ୍ଡଳଙ୍କ ୨ ବଖରା ଘରର ଚାଳ ଛପରକୁ ଘୂର୍ଣ୍ଣିଝଡ ଉଡାଇ ନେଇଛି। କୈଳାସ ଦାସଙ୍କ ସ୍ତ୍ରୀଙ୍କ କହିବା କଥା ହେଲା ରୋଷେଇ କରି ନାତି ନାତୁଣୀଙ୍କୁ ଖାଇବାକୁ ଦେଉଥିଲି। ପବନ ଆସିଲା ବୋଲି ନାତୁଣୀ କହିବାରୁ କବାଟ ବନ୍ଦ କରିବାକୁ କହିଲି। ଏତିକି କହିବା ଭିତରେ ଘୂର୍ଣ୍ଣିଝଡ ଘର ଛପରକୁ ଉଡାଇବା ଆରମ୍ଭ କରିଥିଲା। ଆମେ କେହି କିଛି ବୁଝିବା ପୂର୍ବରୁ ଛପର ଉଡିଯିବା ସହ ଆମର ସବୁକିଛି ଉଜାଡି ଦେଇଛି ବୋଲି ସେ କହିଛନ୍ତି। ରଙ୍ଗଣୀ ପଞ୍ଚାୟତର ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ ସାହୁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ୱାର୍ଡ ସଭ୍ୟ ସୁବାଷ ପାତ୍ର, ଶ୍ରୀରାମ ଦଳାଇ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି।

**■ ପୋଲ ନିର୍ମାଣ ପାଇଁ ଗାତ ଖୋଳାଯାଇଥିଲା**

## ଅଦିନିଆ ବର୍ଷାରେ କେନାଲ ବନ୍ଧ ଧସିଗଲା



**ପଞ୍ଚୁପାଣ୍ଡବ,୨୨।୩(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଡେରାକେଶପୁର ଗୁଡିଆସାହିଠାରେ ଏକ ନୂତନ ପୋଲ ନିର୍ମାଣ ପାଇଁ କାମ ଚାଲିଥିଲା। ଏହି କେନାଲ୍‌ରେ ପୋଲ ହେବା ପାଇଁ ଦୁଇ କଡରେ ଢଳେଇ ପାଇଁ ଗାତ ଖୋଳା ହୋଇଥିଲା। ମାତ୍ର ଅଦିନିଆ ମେଘ ହେବାରୁ ରାସ୍ତା ପାଖରୁ ଅତଡା ଖସିଯାଇଛି। ଏହି ନୂତନ ପୋଲ ପାଇଁ ପୁରୁଣା ପୋଲ ଭଙ୍ଗା ଯାଇଥିଲା ବେଳେ ଚାଷୀଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଶେଷରେ ଜଳସେଚନ ବଭାଗ ତରଫରୁ ନିଷ୍ପତ୍ତି ହେବାପରେ ପୋଲ କାମ ଆରମ୍ଭ ହୋଇଥିଲା। ଠିକାଦାରଙ୍କ ମନମାନି ଯୋଗୁ କେନାଲ୍ ରାସ୍ତା ଧସିଥିବା ଅଞ୍ଚଳବାସୀ କହିଛନ୍ତି। ପଟ୍ଟାମୁଣ୍ଡାଇ ୮ ନଂ(କ) କେନାଲ୍ ଡେରାକେଶପୁରଠାରେ ତୁରନ୍ତ ନୂତନ ପୋଲ ନିର୍ମାଣ କରିବା ପାଇଁ ଗୋବିନ୍ଦ ଚନ୍ଦ୍ର ଦାସ, ମୃତ୍ୟୁଞ୍ଜୟ ପଲେଇ, ମୁରଲୀଧର ଦାଶ, ରଘୁନାଥ କର, ଶ୍ରୀବତ୍ସ ପଲେଇ, ବିଜୟ ମଳିକ ଓ ପୁରସ୍ତମ ମଳିକ ପ୍ରମୁଖ ଦାବି କରିଛନ୍ତି।

**■ ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

## ଡାକ୍ତରଙ୍କ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡା,୨୨।୩(ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ପିଏଚ୍‌ସିରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ** ଆସିଛି। ସାଧାରଣ ରୋଗୀଙ୍କୁ ସେ ଦୁର୍ବ୍ୟବହାର କରୁଥିବା ନେଇ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏମିତିକି ତାଙ୍କର ତୁରନ୍ତ ବଦଳି ପାଇଁ ଭାଗବତପୁର ପଞ୍ଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଡ଼ାକ୍ତରଙ୍କ ଦୁର୍ବ୍ୟବହାର ଦ୍ୱାରା ସାଧାରଣ ଜନତା ଅତିଷ୍ଠ ହୋଇପଡିଲେଣି। ଗତ ୨୧ତାରିଖ ଗୁରୁବାର ଦିନ ସକାଳେ ଭାଗବତପୁର ଜଣେ ରୋଗୀ ରାମଚନ୍ଦ୍ର ବାରିକ ଚିକିତ୍ସା ପାଇଁ ପିଏଚ୍‌ସି ଯାଇଥିଲେ। କିନ୍ତୁ ଚିକିତ୍ସା ବଦଳରେ ଡାକ୍ତର ତାଙ୍କୁ ଔଷଧ ନଦେଇ ବାହାର ବେସରକାରୀ ବ୍ରାଣ୍ଡେଡ଼୍ ମେଡିସିନ୍ ପାଇଁ ବାଧ କରିଥିଲେ ଏବଂ ଏହାକୁ ପ୍ରତିବାଦ କରିବାରୁ ଡାକ୍ତର ଉକ୍ତ ରୋଗୀଙ୍କୁ ଧକ୍କା ମାରି ବାହାର କରିବାକୁ ମେଡିକାଲର ଅଧିନସ୍ଥ କର୍ମଚାରୀଙ୍କୁ ଆଦେଶ ଦେଇଥିଲେ। ଏହାସହିତ ତାଙ୍କୁ ମେଡିକାଲରୁ ବାହାର କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏପରି କେବଳ ରୋଗୀ ରାମଚନ୍ଦ୍ର ବାରିକଙ୍କ କ୍ଷେତ୍ରରେ ସିମୀତ ନୁହେଁ। ଏହା ବାରମ୍ବାର ଅନେକ ରୋଗୀଙ୍କ ସହିତ ଘଟିଆସୁଛି। ସାଧାରଣ ରୋଗ ଯଥା ଥଣ୍ଡା, ଜ୍ୱର, କାଶ, ବାନ୍ତି, ଓ ଝାଡା ପାଇଁ ଔଷଧ ବାହାରୁ କିଣିବା ପାଇଁ ବାଧ କରାଯାଉଛି। ଏଣୁ ସେହି ଡାକ୍ତରଙ୍କୁ ଉକ୍ତ ପିଏଚ୍‌ସିରୁ ବଦଳି କରିବା ପାଇଁ ଏବଂ ସେଠାରେ ରୋଗୀମାନଙ୍କୁ ସଠିକ୍ ରୂପେ ଚିକିତ୍ସା କରିବା ପାଇଁ ଉକ୍ତ ପଞ୍ଚାୟତବାସୀ ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସା ଅଧିକାରିଣୀଙ୍କ ନିକଟରେ ଦାବି କରିଛନ୍ତି। ଏଥି ସହିତ କେନ୍ଦ୍ରାପଡା ସଦରଥାନାରେ ସନାତନ ବାରିକ ସମ୍ପୃକ୍ତ ଡ଼ାକ୍ତରଙ୍କ ବିରୋଧରେ ଲିଖିତ ଏତଲା ଦେଇଥିବା କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଗବତପୁର ଏମ୍‌ପିଏସ୍ ପ୍ରମିଳା ମିଶ୍ର, ସନାତନ ବାରିକ, ମହେନ୍ଦ୍ର ମହାରଣା, ସୌମ୍ୟ ରଞ୍ଜନ ଭଦ୍ର, ସୌମ୍ୟରଞ୍ଜନ ବେହୁରା, ମନୋଜ କୁମାର ବାରିକ, ପ୍ରତିଭା ବାରିକ, ହଳଧର ବାରିକ, ସୁକାନ୍ତି ବାରିକ, ସଂଯୁକ୍ତା ବାରିକ, ସେବତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଗରବେଳା ମହୋତ୍ସବ ଉଦ୍‌ଘାଟିତ



**ରାଜନଗର,୨୨।୩(ସମିସ):** ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୫ମ ସାଗରବେଳା ମହୋତ୍ସବ ଗତକାଲି ସଂଧ୍ୟାରେ ଉଦ୍‌ଘାଟିତ ହୋଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାଗରବେଳା ମହୋତ୍ସବକୁ ଡିଭାଇନ ଲାଇଫ ସୋସାଇଟି ଭୁବନେଶ୍ୱରର ସଭାପତି ସ୍ୱାମୀ ଶିବ ଚିଦାନନ୍ଦଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପ୍ରାକୃତିକ ସମ୍ବଳ ଓ ମାନବ ସମ୍ବଳର ବିକାଶରେ ରାଜନଗର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡିତ। ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରା ଓ ପରିବେଶ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ଯୁବ ସମାଜ ଓ ନେତୃତ୍ୱ ପ୍ରୟାସ ଜାରି ରଖିବା ଉଚିତ ବୋଲି କହିଥିଲେ। ଏଥିସହ ସାଗରବେଳା ମହୋତ୍ସବ ଏ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାରେ ସଫଳ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡଃ. ଅଭୟ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ଭିତରକନିକାର ପ୍ରାକୃତିକ ବିଭବ ଆମକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି କହିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସଂପାଦକ ପ୍ରଫେସର ସତ୍ୟବାଦୀ ଜେନା, ସଂଗଠନ ସଂପାଦକ ଡଃ. ଧରଣୀଧର ରାଉତ, ଯୁଗ୍ମ ସଂପାଦକ ଅନିଲ କୁମାର ବଳ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ମହେଶ୍ୱର ରାଉତ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବେଦାର ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ରୟାଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କେନ୍ଦ୍ରାପଡ଼ା କଲେଜରେ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଟିମ୍

**କେନ୍ଦ୍ରାପଡା,୨୨।୩(ସମିସ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଟିମ୍ ଆଜି ପହଞ୍ଚିଛି। ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଏକ ଦୁଇଜଣିଆ ଟିମ୍ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପହଞ୍ଚି ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ବିଭିନ୍ନ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟୀ ଡାଇରେକ୍ଟର ରଞ୍ଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଏହି ଦୁଇଜଣିଆ ଟିମ୍‌ରେ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ସାହୁ ଅଛନ୍ତି। ଏହି ଦୁଇଜଣିଆ ଟିମ୍ ଆଜି ପୂର୍ବାହ୍ନରେ ମହାବିଦ୍ୟାଳୟରେ ପହଞ୍ଚି କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିଜିତ ବୋଷଙ୍କୁ ଭେଟିଥିଲେ। ପରେ କଲେଜ ମିନି କନଫରେନ୍ସ ହଲ ପରିସରରେ ଏହି ତଦନ୍ତକାରୀ ଟିମ୍‌ର ଉଭୟ ସଦସ୍ୟ ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ସମୟରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଫାଇଲ ସମେତ ପ୍ରତ୍ୟେକଟି ଖର୍ଚ୍ଚର କାଗଜପତ୍ର ଟିକିନିଖି କରି ଯାଞ୍ଚ କରୁଥିବା ସୂଚନା ମିଳିଛି। ଏଥିସହିତ ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ଅବସର ପରେ ପେନସନ ଜନିତ କାଗଜପତ୍ରକୁ ମଧ୍ୟ ତଦନ୍ତ କରାଯାଉଥିବା ନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ସେହିଭଳି ପୂର୍ବତନ କଲେଜ ଅଧ୍ୟକ୍ଷ କାର୍ଯ୍ୟକାଳରେ କିଭଳି ଭାବେ କଲେଜ ପାଣ୍ଠି ଓ ସରକାରୀ ଅନୁଦାନରୁ କୋଟି କୋଟି ଟଙ୍କା ଉଠାଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବାର ଆଳରେ ହରିଲୁଟର ଯେଉଁ ଅଭିଯୋଗ ହୋଇଥିଲା ତାହାର ତଦନ୍ତ ଆରମ୍ଭ ହୋଇଛି। ଏହାଛଡ଼ା କଲେଜରେ ବିଭିନ୍ନ ବେଆଇନ ନିଯୁକ୍ତିକୁ ନେଇ ତଦନ୍ତ ହୋଇଥିବା ମଧ୍ୟ ସୂଚନା ମିଳିଛି।

**● ପୁଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ**

## ବେଆଇନ ଟଙ୍କା ଆଦାୟ କରୁଛନ୍ତି କର୍ମଚାରୀ

**କେନ୍ଦ୍ରାପଡ଼ା,୨୨।୩(ସମିସ):** ପୁଲିସ ବେଆଇନ ଟଙ୍କା ଆଦାୟ କରିବା, ଗରିବ ନିଷ୍ପେସିତଙ୍କୁ ଶୋଷଣ କରି ସମ୍ପତ୍ତି ଠୁଳକରିବା ନେଇ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହିଭଳି ସଂଘାତିକ ଅଭିଯୋଗ ନିକିରାଇ ଥାନା ପୁଲିସ ବିରୋଧରେ ଆଣିଛନ୍ତି ଆଇନଜୀବୀ ମନୋରଂଜନ ଜେନା। ଏନେଇ ସେ ଏସ୍‌ପିଙ୍କୁ ଜଣାଇଛନ୍ତି। ପୁଲିସ ବିଭାଗର ହୋମଗାର୍ଡ ଓ କନେଷ୍ଟବଳଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ଏହି କାରବାରରେ ସାମିଲ ଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ବେଣିପୁର ଓ ମଙ୍ଗଳପୁର ବାଲିଘାଟରୁ ଥାନା ନାଁରେ ବେଆଇନ ଭାବରେ ଟଙ୍କା ଆଦାୟ, ଅଞ୍ଚଳର ଚୋରା ମଦ ବେପାରୀମାନଙ୍କ ଠାରୁ, ଅଞ୍ଚଳର ଦଲାଲମାନଙ୍କ ଜରିଆରେ କେସରେ ଦଫା କୋହଳ କରିଦେବା, ଗରିବ ଲୋକମାନଙ୍କ ନାମରେ ମିଥ୍ୟା ଏତଲା ପଞ୍ଜିକୃତ କରାଇବା ଆଦି ଆଳରେ ପୁଲିସ ନାଁରେ ବେଆଇନ ଭାବରେ ଟଙ୍କା ଆଦାୟ କରାଯାଉଛି। ଗତ ଡିସେମ୍ବର ୩ୟ ସପ୍ତାହରେ ଛୋଟି କେଳାସାହିର ଏକ କାର୍ଯ୍ୟକ୍ରମରୁ ହୋମ୍‌ଗାର୍ଡଙ୍କ ମାଧ୍ୟମରେ ଟଙ୍କା ନେବା, ଅକ୍ଟୋବର ୨୦୨୩ ଚଣ୍ଡିଦେବୀ ମନ୍ଦିର ପାଖରେ ଭଷାଣି ପଡିଆରୁ ଯୁବକମାନଙ୍କ ପାଖରୁ ୪ଗୋଟି ବ୍ରାଣ୍ଡ ମଦ ଛଡାଇ ନେବା, ବିଭିନ୍ନ ଅଞ୍ଚଳରୁ ପ୍ରତି ବାଲି ଗାଡି ପିଛା ଟଙ୍କା ଆଦାୟ, ବଡ ବଡ ୪ଟି ମଦ ଦୋକାନରୁ ମୋଟା ଅଙ୍କର ବଟି ଆଦାୟ, ଅଞ୍ଚଳର କେହି ଲୋକ ଯଦି ଚଣ୍ଡିଖୋଲ ଅଞ୍ଚଳରୁ ପଥର ବଡ ଟ୍ରକ ଓ ହାଇୱା ମାଧ୍ୟମରେ ଆଣିଥାଏ ତେବେ ସେମାନଙ୍କ ପାଖରୁ ଟଙ୍କା ଆଦାୟ, ପିଆର୍‌ରେ ଛାଡିବା ପାଇଁ ଟଙ୍କା ଦାବି, ଗତ ନଭେମ୍ବର ୨୦୨୩ରେ ସଦାନନ୍ଦପୁରରେ ହେଉଥିବା ଯାତ୍ରା ସମୟରେ ଜୁଆଖେଳ ପାଖରୁ ଟଙ୍କା ଆଦାୟ, ଅପରାଧୀଙ୍କ ସହାୟତାରେ ଥାନାରେ ଏସି ଲଗାଇ ବଦଳି ପରେ ଉକ୍ତ ଏସିକୁ ଖୋଲି ନିଜ ଘରକୁ ନେଇଯିବା ଭଳି ସଂଘାତିକ ଅଭିଯୋଗ ନେଇ ମନୋରଞ୍ଜନ ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

**■ ଶଙ୍ଖଭବନରେ ରାଜନଗର ବିଜେଡିର ସମନ୍ୱୟ ବୈଠକ**

## କୋଳାକୋଳି ହେଲେ ଧ୍ରୁବ- ଅଂଶୁମାନ; ୨୭ରେ ସମ୍ବର୍ଦ୍ଧନା ସଭା



**ରାଜନଗର,୨୨।୩(ସମିସ):** ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ସମନ୍ୱୟ ବୈଠକ ଆଜି ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡା ଜିଲ୍ଲାର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ। ବୈଠକରେ ରାଜନଗର ବିଜୁ ଜନତା ଦଳର କର୍ମୀ ଓ ଦଳରେ ସାମିଲ ହୋଇଥିବା ଅଂଶୁମାନଙ୍କ ସମର୍ଥକଙ୍କ ମଧ୍ୟରେ ସମନ୍ୱୟ ବୈଠକ ବସିଥିଲା।

ଚଳିତମାସ ୨୭ ତାରିଖ ଦିନ ରାଜନଗର ବ୍ଲକର ମହିଁଷାସୁର ଠାରେ ବିରାଟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ପଟ୍ଟାମୁଣ୍ଡାଇ ବାଇପାସ୍‌ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଉଭୟ ଅଂଶୁମାନ ଓ ଧ୍ରୁବଙ୍କୁ ସମର୍ଥକମାନେ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ଗୋସିଗାଁସ୍ଥିତ ଶ୍ରୀ ଶ୍ରୀ ଗର୍ତେଶ୍ୱର ଶିବ ମନ୍ଦିର ଯାଏଁ ପାଛୋଟି ଆଣିବେ। ସେଠାରେ ଭୋଳାନାଥଙ୍କ ଦର୍ଶନଙ୍କ ପରେ ଉଭୟ ନେତାଙ୍କୁ ସମ୍ବର୍ଦ୍ଧନା ସଭାସ୍ଥଳ ଯାଏଁ ପାଛୋଟି ନିଆଯିବ ବୋଲି ନିଷ୍ପତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସମନ୍ୱୟ ବୈଠକରେ ଅଂଶୁମାନ ଓ ଧ୍ରୁବ ପରସ୍ପରକୁ ମିଠା ଖୁଆଇଥିଲେ।

ବୈଠକରେ ବେଗୁନିଆର ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ସୁଦର୍ଶନ ଦାସ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରଂଜନ କୁମାର ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ବିଜୟ ନାୟକ, ସୁବାଷ ଚନ୍ଦ୍ର ଦାଶ, ଖଗେଶ୍ୱର ଲେଙ୍କା, ଲକ୍ଷ୍ମୀଧର ବାରିକ, କାଉନସିଲର ମଳୟ କୁମାର ଓଝା, ପୂର୍ବତନ ପସିସି ସଭ୍ୟ ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଅବିନାଶ ଲେଙ୍କା, ପୂର୍ବତନ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ପୂର୍ବତନ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ନିମାଇଁ ଚରଣ କର, ସନାତନ ବିଶ୍ୱାଳ, ବିରଞ୍ଚି ନାରାୟଣ ଦାସ, ପୂର୍ବତନ ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ବିଶ୍ୱ ବନଦିବସରେ ଫରେଷ୍ଟର ସମ୍ବର୍ଦ୍ଧିତ



**ରାଜନଗର,୨୨।୩(ସମିସ):** ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୪ କାର୍ଯ୍ୟକ୍ରମ ଅବସରରେ ଜଙ୍ଗଲ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜନଗର ବନଖଣ୍ଡର କନିକା ରେଞ୍ଜର କାର୍ଯ୍ୟରତ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ମହାକାଳପଡା ବତୀଘର ବିଟର ଫରେଷ୍ଟଗାର୍ଡ ସତ୍ୟଜିତ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତର୍ନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ପିସିସିଏଫ ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ, ପିସିସିଏଫ ଜେନେରାଲ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଡାଲ, ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପାଇବା ପରେ ଆଜି ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ଉଭୟ କର୍ମଚାରୀଙ୍କୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିବା ସହ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ତୁଳସୀକ୍ଷେତ୍ର ଇସି ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର

**ଦାବି ପୂରଣ ନହେଲେ ଅନଶନ ଚେତାବନୀ**




**କେନ୍ଦ୍ରାପଡା,୨୨।୩(ସମିସ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଞ୍ଚାୟତର ତୁଳସୀକ୍ଷେତ୍ର ଇସି ମହାସଂଘର କାର୍ଯ୍ୟକାରିଣୀ ସଦସ୍ୟାମାନଙ୍କ ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପଞ୍ଚାୟତ ମହାସଂଘର ଏମ୍‌ବିକେ ଅଧିକାରୀଙ୍କ ବିଭିନ୍ନ ମନମୁଖୀ କାର୍ଯ୍ୟକଳାପ ବିଷୟରେ କାର୍ଯ୍ୟକାରିଣୀ ସଦସ୍ୟାମାନେ ବ୍ଲକ ଅଧିକାରିଣୀଙ୍କୁ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ଅଧିକାରୀମାନଙ୍କ ପକ୍ଷରୁ କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି, ଦୀର୍ଘ ୧୪ ମାସ ହେବ ସେମାନଙ୍କୁ ଦରମା ମିଳିନାହିଁ, ମହାସଂଘର ବୈଠକରେ କୌଣସି ରିଜଲ୍ୟୁସନ ନ ନିଆଯାଇ ସଦସ୍ୟାମାନଙ୍କ ଠାରୁ ଦସ୍ତଖତ ନିଆଯାଉଛି। ମହାସଂଘର ଅଫିସ ଗୃହ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଟଙ୍କା ଆସିଥିଲେ ମଧ୍ୟ ମିଥ୍ୟା ବିଲ୍ କରି ଟଙ୍କା ଶୋଷଣ କରାଯାଉଛି। ପଞ୍ଚାୟତ ତରଫରୁ ମହାସଂଘର ଅଫିସ କାଗଜ ପତ୍ର ରଖିବା ପାଇଁ ଦିଆଯାଉଥିବା ଆଲମାରୀରେ ଅଫିସ କାଗଜ ପତ୍ର ନ ରଖାଯାଇ ବ୍ୟକ୍ତିଗତ ଘରେ ରଖାଯାଇ ବିଭିନ୍ନ ପ୍ରକାର ଅନିୟମତତା କାର୍ଯ୍ୟ କରାଯାଉଛି। ସଦସ୍ୟାମାନଙ୍କୁ ତାଲିମ ପାଇଁ କିମ୍ବା କୌଣସି ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସୁଥିବା କାର୍ଯ୍ୟକୁ କରାନଯାଇ ବେଆଇନ କାର୍ଯ୍ୟ କରାଯାଉଛି। ପଞ୍ଚାୟତର ସମିତି ସଭ୍ୟା ପଦବୀରେ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରଖାଯାଇଛି। ସଂଘର ୨୬ ଜଣ ସଦସ୍ୟା ଥିବାବେଳେ ମାତ୍ର ୧୮ଟି ବ୍ଲେଜର ଦିଆଯାଇଛି। ଏଣୁ ଏହି ଅଭିଯୋଗର ସଠିକ ଭାବେ ତଦନ୍ତ କରାଯାଇ ଦୋଷୀ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟାମାନେ ଦାବି କରିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ବ୍ଲକର ୨୪ଟି ପଞ୍ଚାୟତର ଇସି ସଦସ୍ୟାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ସହିତ ଭୋଟ୍ ବର୍ଜନ କରିବାକୁ ସଭାନେତ୍ରୀ ଅର୍ଚ୍ଚନା ନାୟକ, ମମତା ମହାରଣା, ବନ୍ଦନା ବାରିକ, ସବିତା ଜେନା, କଳ୍ପନା ନାୟକ, ଜାନକୀ ନାୟକ, ଚନ୍ଦ୍ରକଳା ମହାନ୍ତିଙ୍କ ସମେତ ମହାସଂଘର ବହୁ ସଦସ୍ୟ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା



**କଣିହାଁ, ୨୨।୩(ସମିସ):** କଣିହାଁ ବ୍ଲକ ବିରୁ ଗ୍ରାମରେ ବୁଧବାର ଗ୍ରାମର ବାର୍ଷିକ ଉତ୍ସବ ତଥା ଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକାଦଶୀ ତିଥିରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ରାଧାକୃଷ୍ଣଙ୍କୁ ବିମାନରେ ନେଇ ଘଣ୍ଟଘଣ୍ଟା, ଗଉଡବାଡି, ଢୋଲ ନିଶାଣ ସହିତ ଘୋଡାନୃତ୍ୟ, ଆତସବାଜି ଓ ସୁନ୍ଦର ଆଲୋକ ସଜ୍ଜା ଏବଂ ଡିଜେ ସାଉଣ୍ଡ ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ସମସ୍ତେ ଏଥିରେ ସାମିଲ ହୋଇଥିଲେ। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅପେରା ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ବିଭିନ୍ନ ପ୍ରକାରର ସାମଗ୍ରୀର ଦୋକାନ ବଜାର ଯାତ୍ରା ପଡ଼ିଆରେ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ଯାତ୍ରା ପଡ଼ିଆରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଯାତ୍ରା ଉତ୍ସବ ନିମନ୍ତେ ଗ୍ରାମର ପ୍ରତି ଘରେ ବନ୍ଧୁ ବାନ୍ଧବଙ୍କ ସମାଗମ ହୋଇଥିବା ବେଳେ ଲୋକମାନେ ମଧ୍ୟ ନିଜ ସମ୍ପର୍କୀୟଙ୍କ ଚର୍ଚ୍ଚା ନିମନ୍ତେ ସୁସ୍ୱାଦୁ ବ୍ୟଞ୍ଜନରର ଆୟୋଜନ କରିଥିଲେ। ଉତ୍ସବ ପାଳନ ପାଇଁ ଗ୍ରାମ କମିଟିର ସମସ୍ତ ସଦସ୍ୟ, ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ହିଡ଼ସିଙ୍ଗ ପ୍ରକଳ୍ପ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନ ଅନୁମତି

# ଉପକୃତ ହେବେ ୫୦ଟି ଗାଁର ଲୋକେ

**ଅନୁଗୋଳ, ୨୨।୩(ସମିସ)**

ବନ୍ତଲାବାସୀଙ୍କ ପାଇଁ ଖୁସି ଖବର। ବହୁ ପ୍ରତିକ୍ଷୀତ ହିଡ଼ସିଙ୍ଗ ଜଳସେଚନ ପ୍ରକଳ୍ପକୁ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ମିଳିଛି ଜଙ୍ଗଲ ବିଭାଗର ଅନୁମତି। ଜଳସେଚନ ବିଭାଗ ପକ୍ଷରୁ ୮୭.୫୨ ହେକ୍ଟର ଜଙ୍ଗଲ ଜମିକୁ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେଇଥିଲା ବେଳେ ବନବିଭାଗ ଏଥିରେ ହଁ ଭରିଛି।

ଏବେ ରାଜ୍ୟ ସରକାର ଓ କେନ୍ଦ୍ର ଜଙ୍ଗଲ ବିଭାଗର ଅନୁମତି ମିଳିଗଲେ ପ୍ରକଳ୍ପ କାମ ଆଗେଇବ। ଅନୁଗୋଳ ଜିଲ୍ଲା ବନ୍ତଲା ଅଞ୍ଚଳର କରଡ଼ାସିଂହଠାରେ ବଉଳି ନଦୀ ଉପରେ ହିଡ଼ିସିଙ୍ଗ ଜଳସେଚନ ପ୍ରକଳ୍ପ କରିବା ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ହେଲେ ଖରିଫରେ ୨୩୬୬ ହେକ୍ଟର ଓ ରବିରେ ୭୪୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ବନ୍ତଲା ଅଞ୍ଚଳର ପାଖାପାଖି ୧୩ଟି ପଞ୍ଚାୟତର ୫୦ଟି ଗାଁର ଲୋକେ ଏହି ପ୍ରକଳ୍ପରୁ ଲାଭ ପାଇବେ। ଅଞ୍ଚଳରେ ଜଳର ଅଭାବ ଦୂର ହୋଇପାରିବ। ମାଟିର ଆର୍ଦ୍ରତା ବଢ଼ିବା ସହ ଭୂତଳ ଜଳ ରିଚାର୍ଜ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଦୀର୍ଘବର୍ଷ ହେଲା ବନ୍ତଲାବାସୀ ସ୍ୱପ୍ନ ଦେଖୁଥିଲା ବେଳେ ସଂରକ୍ଷିତ ଜଙ୍ଗଲ ଏଥିପାଇଁ ଅଡୁଆ କରୁଛି। ଏହି ଜଳସେଚନ ପ୍ରକଳ୍ପ ପାଇଁ ୨୦୦୬ରେ ରାଜ୍ୟ ସରକାର ସର୍ଭେ ଆରମ୍ଭ କରିଥିଲେ। କିନ୍ତୁ ଏହା ପରେ ବିଭିନ୍ନ କାରଣ ପାଇଁ ଏହି ପ୍ରକଳ୍ପ ଅଟକି ରହିଥିଲା। ପ୍ରକଳ୍ପ ପାଇଁ ବ୍ୟାପକ ଜଙ୍ଗଲ ଜମି ଆବଶ୍ୟକତା ରହିଥିବାରୁ ପ୍ରକଳ୍ପ ଆରମ୍ଭରୁ ଝୁଣ୍ଟିଥିଲା।




**● ଖରିଫରେ ୨୩୬୬ ହେକ୍ଟର୍ ଓ ରବିରେ ୭୪୦ ହେକ୍ଟର୍ ଜମି ଜଳସେଚିତ ହେବ**

୨୦୧୭ ଅଗଷ୍ଟ ୨୮ରେ ଜଳସମ୍ପଦ ବିଭାଗ ପକ୍ଷରୁ ବନବିଭାଗକୁ ଜଙ୍ଗଲ ଜମି କିସମର ପରିବର୍ତ୍ତନ ପାଇଁ ଅନୁରୋଧ କରାଯାଇଥିଲା। ଏହି ପ୍ରକଳ୍ପ ଓ ବିକଳ୍ପ ରାସ୍ତା ପାଇଁ ୮୭.୫୨ ହେକ୍ଟର ଜମିର କିସମ ପରିବର୍ତ୍ତନ ପାଇଁ ଏଥିରେ କୁହାଯାଇଥିଲା। ଚିଠିରେ ଉଲ୍ଲେଖ ରହିଥିଲା ଯେ, ଏଠାରେ ୯୩୩ ମିଟର ଲମ୍ବା ଓ ୩୨.୫ ମିଟର ଉଚ୍ଚତା ବିଶିଷ୍ଟ ଡ୍ୟାମ୍ ନିର୍ମାଣ କରିବାକୁ ପ୍ରସ୍ତାବ ରହିଥିଲା ବେଳେ ଏଥିପାଇଁ ସମୁଦାୟ ୪୩୭.୩୩ ହେକ୍ଟର ଜମି ଆବଶ୍ୟକତା ଅଛି। ଏଥିରୁ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲକୁ ମିଶାଇ ୮୭.୫୨ ହେକ୍ଟର ଜଙ୍ଗଲ କିସମର ଜମି ରହିଛି। ଏହି ପ୍ରକଳ୍ପ ନେଇ ବନବିଭାଗ ଅନୁଧ୍ୟାନ କରିବା ପରେ କିସମ ପରିବର୍ତ୍ତନ ପାଇଁ ରାଜି ହୋଇଛି। ପ୍ରକଳ୍ପ ହେଲେ ଜଙ୍ଗଲ ନଷ୍ଟ ହେବ ସିନା, ଦୀର୍ଘମିଆଦି ସୂତ୍ରରେ ଲୋକେ ଲାଭ ପାଇବେ ବୋଲି ବନ ବିଭାଗ ରିପୋର୍ଟରେ ଉଲ୍ଲେଖ କରିଛି। ଏପଟେ ଏହି ପ୍ରକଳ୍ପ ପାଇଁ ଯେଉଁ ଜଙ୍ଗଲ କ୍ଷୟ ହେବ, ତାକୁ ଭରଣା କରିବା ପାଇଁ ପାଲଲହଡ଼ାରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ଜଣାପଡ଼ିଛି। ତେଣୁ ପ୍ରକଳ୍ପ ପାଇଁ ଜମି କିସମ ପରିବର୍ତ୍ତନର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିବାକୁ ରାଜ୍ୟ ବନବିଭାଗ ମୁଖ୍ୟାଳୟ ପକ୍ଷରୁ ଚିଠି ନମ୍ବର୬୧୨୮ ତା-୧୪-୩-୨୦୨୪ ଜରିଆରେ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଜଣାଇ ଦିଆଯାଇଛି। ବନବିଭାଗର ଏହିଚିଠି ପରେ ପ୍ରକଳ୍ପ ନେଇ ସମ୍ଭାବନା ବଢ଼ିଛି। ଏବେ କେବଳ କେନ୍ଦ୍ର ଜଙ୍ଗଲ ବିଭାଗର ଅନୁମତି ମିଳିଗଲେ ପ୍ରକଳ୍ପ ଆରମ୍ଭ ହୋଇପାରିବ। ତଳସ୍ତରରୁ ଅନୁମତି ମିଳିଥିବାରୁ କେନ୍ଦ୍ରସରକାର ଅନୁମୋଦନ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବରରେ ଏଥିପାଇଁ ପରିବେଶ ସମ୍ପର୍କିତ ଜନଶୁଣାଣି କରାଯାଇଥିଲା। ଏହାକୁ ସବୁବର୍ଗର ଲୋକେ ସମର୍ଥନ କରିଥିଲେ। ଏହି ଜଳସେଚନ ପ୍ରକଳ୍ପ ହେଲେ ପରିବେଶ ଉପରେ କୌଣସି ନକରାତ୍ମକ ପ୍ରଭାବ ପକାଇବ ନାହିଁ ବୋଲି ଲୋକମାନେ ମତ ରଖିଥିଲେ। ତେଣୁ ବନ୍ତଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ଏହି ଅଞ୍ଚଳ ଶସ୍ୟଶ୍ୟାମଳା ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ଏମ୍‌ସିଏଲ୍ ଖଣି ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ତାଳଚେର ସଦର, ୨୨।୩(ସମିସ):** ତାଳଚେର ବ୍ଲକ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗର ଖଣି ଅଧିକାରୀ ସୌଭିକ ଦେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ହିଙ୍ଗୁଳା କୋଇଲା ଖଣିସ୍ଥିତ ୩୩ କେଭି ସବ୍-ଷ୍ଟେସନ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଶ୍ରମିକ କର୍ମଚାରୀ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଖଣି ଅଧିକାରୀ ଗୁରଦୀପ ସିଂ, ଶ୍ରୀ ଗୋବିନ୍ଦ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ଦେଙ୍କ କର୍ମମୟ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିବା ସହ ତାଙ୍କର ସରଳତା, ଅମାୟିକ ବ୍ୟବହାର ତଥା ଜଣେ କୁଶଳୀ ଇଂଜିନିୟର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିବାରୁ ସେ ସହକର୍ମୀ ବନ୍ଧୁମାନଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିଲେବୋଲିମତବ୍ୟକ୍ତକରିଥିଲେ। ଏହି ଅବସରରେ ଅତିଥିମାନେ ତାଙ୍କର ଭବିଷ୍ୟତ ଜୀବନ ଦୀର୍ଘ, ନିରାମୟ ହେବା ସହ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏଥି ସହ ଶ୍ରୀ ଦେଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବସନ୍ତ ସାହୁ, ବାଳକୃଷ୍ଣ ନାୟକ, ସିପୁନ ଦଳବେହେରା, ତୁଷାରକାନ୍ତ ସାହୁ, ସତ୍ୟ ନାରାୟଣ ସାହୁ, ଗୋବିନ୍ଦ ବେହେରା, ପ୍ରକାଶ ସାହୁ, ତ୍ରିଲୋଚନ ବେହେରା, ସିପୁନ ସାହୁ ପ୍ରମୁଖଙ୍କ ସହ ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗର ସମସ୍ତ ଖଣି କର୍ମଚାରୀ ସହଯୋଗ କରିଥିଲେ।



## ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ବିୟୋଗରେ ଶୋକ

**ଅନୁଗୋଳ, ୨୨।୩(ସମିସ):** ଓଡ଼ିଶା ରାଜନୀତିର ପ୍ରଭାବଶାଳୀ ନେତା ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବ ବୋଲି ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଛନ୍ତି। ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଡା. ରାଉତଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରାଯାଇଛି। ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ, ଏନଏସଆଇସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ର, ଅନୁଗୋଳ ଜୋନ୍ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ପଦଯାତ୍ରା

**ଆଠମଲ୍ଲିକ, ୨୨।୩(ସମିସ):** ମାଧପୁର ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପ୍ଲାଷ୍ଟିକମୁକ୍ତ ପରିବେଶ ନିମନ୍ତେ ସଚେତନତା ପଦଯାତ୍ରା ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ନନ୍ଦକିଶୋର ମହାକୁଡ, ମୁଖ୍ୟ ବକ୍ତା ମାଧପୁର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱସ୍ୱରାୟ ତ୍ରିପାଠୀ, ସମ୍ମାନିତ ଅତିଥି ବୈଦ୍ୟନାଥ ସାହୁ ଉପସ୍ଥିତ ଥିଲେ। ଏହା ସହିତ ମାଧପୁର ଉଚ୍ଚ ବିଦ୍ୟାଳୟ ଓ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପଦଯାତ୍ରା ଓ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ କ୍ଷେତ୍ର ସଂଯୋଜକ ଦେବାନନ୍ଦ ନାୟକ, କ୍ଷେତ୍ର ସଂଯୋଜିକା ତନୁଶ୍ରୀ ବଘାର, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦଳପତି ଅମରେଶ ପ୍ରସାଦ ଦାସ, ବିକାଶ ଅଧିକାରୀ କୁମୁଦିନୀ ପାଣି, ସ୍ୱତାମ୍ବର ମଲ୍ଲିକ, ବନପାଳ ଦୀପ୍ତି ରଞ୍ଜନ ବିଶ୍ୱାଳ, ବନପାଳ ଶାନ୍ତନୁ ଦେହୁରୀ, ବନପାଳ ରମାକାନ୍ତ ସାହୁ, ବନରକ୍ଷୀ ମୋନାଲିସା ପ୍ରଧାନ, କବିତା ସାହୁ, ପରେଶ ପ୍ରଧାନ, ଉତ୍ତମ ମେହେରଙ୍କ ସମେତ ବନାଞ୍ଚଳର କର୍ମଚାରୀ ସହଯୋଗ କରିଥିଲେ।



## ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ



**ଅନୁଗୋଳ, ୨୨।୩(ସମିସ):** ଆଜି ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ତାଲିମ କେନ୍ଦ୍ରଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱବିହାରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ଏଚ୍ଆଇଭି ଆକ୍ରାନ୍ତଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହା ସହିତ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ କମିଟି ଦ୍ୱାରା ପରିଚାଳିତ ବିଭିନ୍ନ ସୋସିଆଲ ମିଡିଆ ଓ ୧୦୯୭ ଶୁଳ୍କମୁକ୍ତ ନମ୍ବରର ଅଧିକରୁ ଅଧିକ ପ୍ରଚାର ପ୍ରସାର ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହ ଏଡ୍‌ସ ରୋଗ ନିୟନ୍ତ୍ରଣ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଚ୍ଆଇଭି ଆକ୍ରାନ୍ତମାନେ ନିୟମିତ ଭାବରେ କିପରି ଔଷଧ ପାଇପାରିବେ, ସେଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶେଷରେ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କଣିହାଁ, ୨୨।୩(ସମିସ):** କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମ ନିକଟ ୧୪୯ ନମ୍ବର ଜାତୀୟ ରାଜପଥ କଡ଼ରୁ ଶୁକ୍ରବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ବୟସ ଆନୁମାନିକ ୬୦ରୁ ୬୫ ମଧ୍ୟରେ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଜଣାପଡ଼ିଛି। ରାସ୍ତାକଡ଼ରେ ଜଣଙ୍କ ମୃତଦେହ ପଡ଼ି ରହିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ପହଞ୍ଚିଥିଲା। ଏହାପରେ ପ୍ରାଥମିକ ତଦନ୍ତ କରିବା ସହ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ମୃତକଙ୍କ ଚିହ୍ନଟ ପାଇଁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

## ଡେରଜାଙ୍ଗ ଜଳଭଣ୍ଡାରରୁ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ

**ଅନୁଗୋଳ, ୨୨।୩(ସମିସ):** ଧୂଳିଧୂଆଁର କର୍ମମୟ ଜୀବନରୁ ନିଜକୁ ଟିକେ ହାଲକା କରିବା ପାଇଁ ଅନୁଗୋଳ ସହରବାସୀ ଚାଲିଯାଆନ୍ତି ସହର ନିକଟ ଡେରଜାଙ୍ଗ ଜଳସେଚନ ପ୍ରକଳ୍ପ (ଡ୍ୟାମ୍) ଆଡ଼କୁ। ବିରାଟ ଜଳଭଣ୍ଡାରର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ବର୍ଷସାରା ବୁଲି ଆସନ୍ତି। ଅପରପକ୍ଷରେ ଡେରଜାଙ୍ଗ ଜଳଭଣ୍ଡାର ଉପରେ ଆଖପାଖ ଅଞ୍ଚଳର ଚାଷ କାର୍ଯ୍ୟ ନିର୍ଭର କରିବା ସହ ଜଳସ୍ତରର ପରିମାଣ ସଠିକ ରହିବା ନିର୍ଭର କରେ। ବିସ୍ତୀର୍ଣ୍ଣ ଜଳଭଣ୍ଡାର ଯୋଗୁଁ ଏକ ସୁସ୍ଥ ଓ ସୁଦୃଢ଼ ଆର୍ଦ୍ରଭୂମି ସୃଷ୍ଟି ହୋଇପାରିଛି। ଆର୍ଦ୍ରଭୂମି ଯୋଗୁଁ ବିଭିନ୍ନ ପ୍ରକାର ଜଳଚର ପକ୍ଷୀ ସହ ଅନେକ ଜଳଜ ଉଦ୍ଭିଦଙ୍କ ପ୍ରାକୃତିକ ଆବାସସ୍ଥଳୀ ହେଉଛି ଡେରଜାଙ୍ଗ ଜଳଭଣ୍ଡାର।

ପର୍ଯ୍ୟଟନସ୍ଥଳୀ ଡେରଜାଙ୍ଗର ଶୋଭା ସମ୍ପଦକୁ କିଛି ଦାୟିତ୍ୱହୀନ ପର୍ଯ୍ୟଟକ ନିଜ ଅସ୍ୱଚ୍ଛ କାର୍ଯ୍ୟକଳାପ ଦ୍ୱାରା ପ୍ରଦୂଷିତ କରୁଛନ୍ତି। ଜଳଭଣ୍ଡାରର ବାହ୍ୟପାର୍ଶ୍ୱ ସହ ଅନ୍ତପାର୍ଶ୍ୱ ମଧ୍ୟ ଆବର୍ଜନାରେ ଭର୍ତ୍ତି ହୋଇଛି। ବିଶେଷ କରି ପାଣିରେ ପ୍ଲାଷ୍ଟିକ ବୋତଲ, ଜରି, ପ୍ଲାଷ୍ଟିକ ଥଳୀ ପଡ଼ିବା ଯୋଗୁଁ ସେଠାକାର ସୌନ୍ଦର୍ଯ୍ୟହାନୀ ହେବା ସହ ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି ହେଉଛି। ଅନୁଗୋଳ ଜିଲ୍ଲାର ଅତି ନିକଟ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଡେରଜାଙ୍ଗ ଡ୍ୟାମକୁ ଆବର୍ଜନାମୁକ୍ତ କରିବା ଉଦ୍ଦେଶ୍ୟରେ ବିଶ୍ୱ ଜଳ ଦିବସ ଅବସରରେ 'ନିର୍ମଳ ଡେରଜାଙ୍ଗ ଜଳଭଣ୍ଡାର' ନାମକ ଅଭିଯାନ ମାଧ୍ୟମରେ ଡେରଜାଙ୍ଗ ଜଳଭଣ୍ଡାରରୁ ୫୦ କେଜିର ଏକକ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଛି। ପ୍ରାୟ ୧୦ଟି ବଡ଼ ବଡ଼ ଥଳୀରେ ଜଳଭଣ୍ଡାରର ପାଣି ଓ ପଥର ଫାଙ୍କରୁ ସଂଗ୍ରହ କରାଯାଇ ପୁନଃଚକ୍ରଣ ପାଇଁ ନିକଟସ୍ଥ ପ୍ଲାଷ୍ଟିକ କବାଡି ଦୋକାନରେ ଜମା କରାଯାଇଛି। ଡେରଜାଙ୍ଗକୁ ପରିଭ୍ରମଣରେ ଯାଉଥିବା ଜନସମାଜ ସଚେତନ ହୋଇ ଏହାକୁ ପ୍ଲାଷ୍ଟିକ ଓ ଆବର୍ଜନାମୁକ୍ତ କରିବାରେ ସହଯୋଗ କରିବାକୁ ସାଥୀ ପରିବାର ପକ୍ଷରୁ ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜେଶ ରଞ୍ଜନ ସାହୁ, ପିଣ୍ଟୁ ବେହେରା, ସିଦ୍ଧାର୍ଥ ପ୍ରଧାନ, ଗୁରୁଦେବ ସାହୁ, ସିପୁନ ବେହେରା, ଆଦିତ୍ୟ ବେହେରା ଓ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ଟ୍ରାକ୍ଟର୍ ଓଲଟି ଚାଳକ ମୃତ

**ଛେଣ୍ଡିପଦା, ୨୨।୩(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଶିମିଳିପାଳ ପଞ୍ଚାୟତର ଚରାକାନୀ ଗ୍ରାମରେ ବିଲରେ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଘଡ଼ ଗ୍ରାମର ବସନ୍ତ ପେଣ୍ଟଇ (୫୫)। ବସନ୍ତ ପେଣ୍ଟୋଇ ବସନ୍ତପୁର ଗ୍ରାମର ବିଜୟ ଦେହୁରୀଙ୍କ ଟ୍ରାକ୍ଟରରେ ଚାଳକ ଭାବେ କାମ କରୁଥିଲେ। ଶୁକ୍ରବାର ବସନ୍ତ ଟ୍ରାକ୍ଟର ନେଇ ଚରାକାନୀ ଗ୍ରାମରେ ଏକ ବଗିଚାରେ ହଳ କରୁଥିବା ବେଳେ ଟ୍ରାକ୍ଟରଟି ବିଲ ଭିତରେ ଥିବା ଏକ ଖାଲରେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଟ୍ରାକ୍ଟର ଚାଳକ ବସନ୍ତଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବାଗଡ଼ିଆ ଥାନା ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖାଲରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ବାଗଡ଼ିଆ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହିତ ଟ୍ରାକ୍ଟରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି।



## ନୂଆପଡ଼ାରୁ ଶାଗୁଆନ କାଠ ଓ ସାମଗ୍ରୀ ଜବତ

**ଛେଣ୍ଡିପଦା, ୨୨।୩(ସମିସ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳର ନୂଆପଡ଼ା ଗ୍ରାମରେ ବନବିଭାଗ ପକ୍ଷରୁ ୩ଟି ଘର ଉପରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଶାଗୁଆନ କାଠ, ପଟା ଓ ଅର୍ଦ୍ଧନିର୍ମିତ ଫର୍ଣ୍ଣିଚର ଓ ଯନ୍ତ୍ରପାତି ଜବତ କରାଯାଇଛି। ଛେଣ୍ଡିପଦା ବନାଞ୍ଚଳରେ ପ୍ରଥମ ଥର ପାଇଁ କାଠ ମାଫିଆଙ୍କ ବେଆଇନ ଫର୍ଣ୍ଣିଚର କାରଖାନାରେ ଉପରେ ଚଢ଼ଉ କରାଯାଇ ବ୍ୟାପକ ଭାବେ ଶାଗୁଆନ, ଗମ୍ଭାରୀ, ଆମ୍ବ ପଟା ଓ ଯନ୍ତ୍ରପାତି ଜବତ କରାଯାଇଛି। ଯାହାକୁ ନେଇ କାଠ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ବନବିଭାଗ ସୂତ୍ରରୁ ପ୍ରକାଶ, ଅନୁଗୋଳ ବନଖଣ୍ଡ ଅଧିକାରୀ ନିତିସ କୁମାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ସୁଭ୍ରାସୁଚିଶ୍ମିତା ମହାପାତ୍ର ଓ ଅନୁଗୋଳ ବନଖଣ୍ଡର ଡେପୁଟି ରେଞ୍ଜର ଅଜିତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛେଣ୍ଡିପଦା ବନ ବିଭାଗର ସମସ୍ତ କର୍ମଚାରୀ ସାମିଲ ହୋଇ ନୂଆପଡ଼ା ଗ୍ରାମର ୩ଟି ଘର ଉପରେ ଚଢ଼ଉ କରିଥିଲେ। ବନ ବିଭାଗକୁ ଦେଖି କାଠ ମାଫିଆମାନେ ଫେରାର ହୋଇଯାଇଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ଶାଗୁଆନ, ଗମ୍ଭାରୀ ପଟା କାଠ, ଆମ୍ବ ପଟା, ୨୧ଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ସୋଫାସେଟ ଗୋଡ଼, ୪ଟି କବାଟ ଜବତ କରିବା ସହିତ ଫର୍ଣ୍ଣିଚର ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ୯ଟି ବାରସି, ୭ଟି ବଟାଳୀ, ୫ରୁ ଅଧିକ କଟର ମେସିନ, ୬ଟି ରନ୍ଦା, ୪ଟି ଗ୍ରାଇଣ୍ଡର, ୩ଟି ଡ୍ରିଲ ମେସିନ ସହ ଏଥିରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଆଦିକୁ ଜବତ କରାଯାଇଛି। ଜବତ ହୋଇଥିବା ସମସ୍ତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ବନ ବିଭାଗ ପକ୍ଷରୁ କାହାରିକୁ ଗିରଫ କରାଯାଇନଥିବାବେଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି।

ଏହି ଚଢ଼ଉରେ ଅନୁଗୋଳ ବନଖଣ୍ଡର ଫରେଷ୍ଟର ବିରେନ କୁମାର ଦେହୁରୀ, ସୁମିତ୍ରା ବିଶ୍ୱାଳ, ଛେଣ୍ଡିପଦା ବନାଞ୍ଚଳର ଫରେଷ୍ଟର ସୁଶାନ୍ତ କୁମାର ନାଏକ, ଦିଗାମ୍ବର ନାୟକ, ବେଣୁଧର ବେହେରା, ବନରକ୍ଷୀ ଲୁଲୁ ପ୍ରଧାନ, ସିତୁ ବେହେରା, ରଜନୀଗନ୍ଧା ପ୍ରଧାନଙ୍କ ସମେତ ସମସ୍ତ ବନକର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।



## ଜିଲ୍ଲାସ୍ତରୀୟ ସେକ୍ଟର୍ ଅଫିସର ପ୍ରଶିକ୍ଷଣ ଶିବିର

**ଅନୁଗୋଳ, ୨୨।୩(ସମିସ):** ଚଳିତ ସାଧାରଣ ନିର୍ବାଚନ-୨୦୨୪କୁ ସଫଳ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ସେକ୍ଟର ଅଫିସର ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ସମସ୍ତ ୧୧୬୨ଟି ମତଦାନ କେନ୍ଦ୍ରର ୧୨୮ ଜଣ ସେକ୍ଟର ଅଫିସରଙ୍କୁ ଶୃଙ୍ଖଳିତ, ତ୍ରୁଟିହୀନ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥି ସହିତ ନିର୍ବାଚନ ଆଚରଣ ବିଧିର ସମସ୍ତ ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ସେକ୍ଟର ଅଫିସରଙ୍କ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସମସ୍ତ ଉପଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଜି ଅପରାହ୍ନରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ଲେଭଲ ଅଫିସର (ବିଏଲ୍ଓ) ମାନଙ୍କୁ ପୋଷ୍ଟାଲ ବାଲାଟ୍ ଓ ବିଭିନ୍ନ ନିର୍ବାଚନଜନିତ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



■ ପରଜଙ୍ଗରେ ବଢ଼ୁଛି ବିଜେଡି ଶକ୍ତି

# ବିଜେଡିରେ ସାମିଲ ହେଲେ ଶତାଧିକ ମହିଳା ଓ ପୁରୁଷ



**କାମାକ୍ଷାନଗର, ୨୨।୩ (ସମିସ):** ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ବନ୍ଧାଣିଆଠାରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜନଜାତି ଶ୍ରେଣୀର ଲୋକମାନଙ୍କ ପାଇଁ ବିଭିନ୍ନ ସୁବିଧା, ସୁଯୋଗ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଯାହା ଦ୍ୱାରା ରାଜ୍ୟରେ ଅନେକ ଜନଜାତି ଶ୍ରେଣୀର ଲୋକ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ଏହାକୁ ନେଇ ବନ୍ଧାଣିଆ ଗ୍ରାମର ଶତାଧିକ ଆଦିବାସୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତ। ଏହି ମିଶ୍ରଣ ପର୍ବରେ କୈଳାଶ ତିରିଆ, ମନୀଷା ତିରିଆ ଓ ରାଉତ ଗାଗରାଇଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଉତ୍ତରୀୟ ଗ୍ରହଣ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଙ୍କଡାହାଡ଼ ବ୍ଲକ ଆମ୍ବ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ଆଦିବାସୀ ସାମ୍ମୁଖ୍ୟ ନେତା କରୁଣାକର ହେମ୍ବ୍ରମ, ମୋହନ ବାଗେ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ ପଞ୍ଝାରେ ଆନ୍ତଃରାଜ୍ୟ ମୂର୍ତ୍ତି ଚୋର ଗ୍ୟାଙ୍ଗ୍

ଢେଙ୍କାନାଳ, ୨୨।୩ (ସମିସ)




● ଶିବ, ପାର୍ବତୀଙ୍କ ମୂର୍ତ୍ତି ସହିତ ନାଗ ଉଦ୍ଧାର
● ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ
● ବିଭିନ୍ନ ଥାନାରେ ୧୨ ମାମଲା

ଢେଙ୍କାନାଳ ଜିଲ୍ଲା ତଥା ବିଭିନ୍ନ ସ୍ଥାନରେ ଥିବା ମଠ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ସହିତ ସୁନାରୁପା ଅଳଙ୍କାର ଚୋରି ଘଟଣାରେ ପୁଲିସ ୩ ଜଣ ଆନ୍ତଃଜିଲ୍ଲା ଡକାୟତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନଙ୍କଠାରୁ ପୁଲିସ୍ ବିଭିନ୍ନ ମୂର୍ତ୍ତି ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସଦର ଥାନା କେସ ନଂ ୨୨୨/୨୦୨୪ ଅନୁସାରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣକୁ ଗିରଫ କରିବାରେ ସଫଳ ହୋଇଛି।

ଏହି ଘଟଣାରେ ଡକାୟତମାନେ ବିଭିନ୍ନ ମନ୍ଦିରରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସହିତ ସୁନାରୁପା ଅଳଙ୍କାର ଚୋରି କରୁଥିଲେ। ଢେଙ୍କାନାଳରୁ ଚୋରି କରିବା ପରେ ସେମାନେ ଯାଜପୁର ଅଞ୍ଚଳରେ ରହି ସବୁକାର୍ଯ୍ୟର ଯୋଜନା କରୁଥିଲେ। ଏହି ଘଟଣାର ତଦନ୍ତ କରି ପୁଲିସ ମୋଟଙ୍ଗା ଥାନା ଅନ୍ତର୍ଗତ ନିମିଧା ଗ୍ରାମର ଶିବ ନାଏକଙ୍କ ପୁଅ ବିଶ୍ୱନାଥ ନାଏକ ଓରଫ ସୁମନ, ସଦର ଥାନା ସୋଗରପଶି ଗ୍ରାମର ନିର୍ବାଣ ଷଣ୍ଢଙ୍କ ପୁଅ ମାନସ ଷଣ୍ଢ(୫୧) ଓ ସୁରେଶ କୁମାର ସାହୁଙ୍କ ପୁଅ ରଞ୍ଜିତ କୁମାର ସାହୁ ଓରଫ କାଳିଆକୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ବିଭିନ୍ନ ସ୍ଥାନରୁ ଚୋରି ଯାଇଥିବା ଶିବଙ୍କର ଏକ ମୂର୍ତ୍ତି ସହିତ ପାର୍ବତୀଙ୍କ ମୂର୍ତ୍ତି, ୨ଟି ସାପ, ୧ଟି ବୃଷଭ, ଥାଳି, ନଗଦ ୧ ହଜାର ୪୭୦ ଟଙ୍କା, ତରଳା ଯାଇଥିବା ଏବଂ ରୁପା ଖଣ୍ଡ ଜବତ କରାଯାଇଛି।

ସେମାନଙ୍କ ନାମରେ ସଦର ଥାନାରେ ୫୫/୨୪, ଟାଉନ ଥାନାରେ ୧୬୯/୨୪, ୧୫୭/୨୪, ସଦର ଥାନାରେ ୨୨୨/୨୪, ୭୭/୨୪, ୧୦୭/୨୪, ଭୁବନ ଥାନା କେସ ନଂ ୫୦୨/୨୩, ୦୪/୨୪, ୧୩/୨୪, କଣ୍ଟାବଣିଆ ଥାନାରେ ୮/୨୪, ତୁମୁସିଙ୍ଗା ଥାନାରେ ୮/୨୩ ଓ ସୁକିନ୍ଦାଥାନାରେ ୧୫/୨୪ ଏଭଳି ମୋଟ ୧୨ଟି ମାମଲା ରହିଛି। ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ସବିଶେଷ ତଥ୍ୟ ପ୍ରେସମିଟ ମାଧ୍ୟମରେ ପ୍ରକାଶ କରିଛନ୍ତି। ଥାନାଧିକାରୀଙ୍କ ସୂଚନା ଅନୁସାରେ ଗତ ଫେବୃଆରୀ ୧୩ ତାରିଖରେ ଗୋବିନ୍ଦପୁର ବାଲୁଙ୍କେଶ୍ୱର ମନ୍ଦିର, ଟାଉନ ଥାନା ଶ୍ୟାମାଚରଣପୁର ସାଇ ମନ୍ଦିର ଚୋରି ଘଟଣା ପରେ ପୁଲିସ ଦୁଇଟି ସ୍ୱେଶାଲ ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ ପ୍ରତିବାଦରେ ଆପ୍‌ର ବିକ୍ଷୋଭ



**ଢେଙ୍କାନାଳ, ୨୨।୩ (ସମିସ):** ଆପ୍‌ର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଇଡି ଗିରଫ କରିବା ପ୍ରତିବାଦରେ ଢେଙ୍କାନାଳ ଶାଖାର ଆପ୍ କର୍ମୀମାନେ ଜିଲ୍ଲା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଜିଲ୍ଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିତେନ୍ଦ୍ର ବେହେରା ଓ ଅନିଲ କୁମାର ନାଥ, ଯୁଗ୍ମ ସମ୍ପାଦକ ବିଧୁରଞ୍ଜନ ନାଏକ, ପିତାମ୍ବର ଦାସ, ଶଙ୍କର୍ଷଣ ଦଳେଇ ଓ ପିତାମ୍ବର ସାମନ୍ତରାୟ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ବିଜେପି ସରକାର ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିରୋଧରେ ବିଷୋଦଗାର କରିଥିଲେ।

ଏହି ଅବସରରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନୈତିକ ଉପାୟରେ ଗିରଫ କରାଯାଇଥିବା ଶ୍ରୀ କେଜ୍ରିୱାଲଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ବରିଷ୍ଠ ସଦସ୍ୟ ପ୍ରକାଶ ଭୁତିଆ, ପ୍ରମୋଦ ସାହୁ, ରଚିତା ନାଏକ, ମୀରା ନାଏକ, ରବି ନାରାୟଣ ସ୍ୱାଇଁ, ନିତ୍ୟାନନ୍ଦ ପଣ୍ଡା, ଜନାର୍ଦ୍ଦନ ନନ୍ଦୀ, କବି ନାଏକ, ଲକ୍ଷ୍ମୀଧର ଜେନା, ଦୀପା ନାଏକ, ଗୌରି ନାଏକ, ଅପସରା ନାଏକ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

# ବ୍ରାଉନ୍‌ସୁଗର ଜବତ; ୨ ଗିରଫ

**ଢେଙ୍କାନାଳ, ୨୨।୩ (ସମିସ):** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଡିପିଏସ ବିଦ୍ୟାଳୟ ନିକଟରେ ପୁଲିସ ଚଢ଼ଉ କରି ୩୯ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ସକାଳ ୬ଟା ସମୟରେ ଟାଉନ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ଥାନା ଏସ୍‌ଆଇ ବିଷ୍ଣୁପ୍ରିୟା ରଣା ସଦଳବଳେ ଡିପିଏସ ବିଦ୍ୟାଳୟ ନିକଟରେ ଚଢ଼ଉ କରିଥିଲେ। ସେଠାରେ ଟାଉନଥାନା କାରିଗର ସାହିର ବିରଞ୍ଚି ବେହେରାଙ୍କ ପୁଅ ସଂଗ୍ରାମ ବେହେରା ଓରଫ ପୁପୁଲି(୨୬) ଓ କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ମାଗୁର ଗ୍ରାମର ଜଗବନ୍ଧୁ ଦାସଙ୍କ ପୁଅ ନିରଞ୍ଜନ ଦାସ ଏକ ବାଇକ୍ ଯୋଗେ ବ୍ରାଉନ୍‌ସୁଗର ବିକ୍ରୟ କରୁଥିଲେ। ସେମାନଙ୍କଠାରୁ ଏକ ଜିପଡ ପଲିଥିନ ପ୍ୟାକେଟରେ ଥିବା ୨୦.୦୬୫ମିଲି ଗ୍ରାମ ବ୍ରାଉନ୍‌ସୁଗର ସହିତ ନଗଦ ୪ ହଜାର ଟଙ୍କା, ପୁପୁଲିଙ୍କର ଏକ ବାଇକ୍‌କୁ ଜବତ କରିଥିଲେ। ସେମାନଙ୍କଠାରୁ ପୁଣି ଏକ ଜିପଡ ପଲିଥିନରେ ଥିବା ୧୯.୦୧୮ ମିଲି ଗ୍ରାମର ବ୍ରାଉନ୍‌ସୁଗର ଜବତ କରାଯାଇଥିଲା। ଉଭୟଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ



**ଢେଙ୍କାନାଳ, ୨୨।୩(ସମିସ):** ସ୍ଥାନୀୟ ଜୀବନଜ୍ୟୋତି ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନୂଆଦିଲ୍ଲୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାରତୀୟ ପୁନର୍ବାସ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରବିବାର ପର୍ଯ୍ୟନ୍ତ ପରିଚାଳିତ ହୋଇ ଉଦ୍‌ଯାପିତ ହେବ। ଓଡ଼ିଶାର ୫୦ ଜଣ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ସ୍ୱତନ୍ତ୍ର ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରୁଛନ୍ତି। ଏହି ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ସ୍ୱତନ୍ତ୍ର ତାଲିମଦାତ୍ରୀ ଆରତୀପ୍ରଭା ମହାପାତ୍ର, ସହକାରୀ ପ୍ରାଧାପକ ଆଶୀର୍ବାଦ ଦେହୁରୀ ଏବଂ ରଶ୍ମି ରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ସହକାରୀ ପ୍ରାଧାପକ ରମେଶ ଚନ୍ଦ୍ର ପରିଡ଼ା ମଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମକୁ ମଧ୍ୟ ପରିଚାଳନା କରିଥିଲେ। ଶିବାନୀ ରଥ, ଈଶ୍ୱରୀ ପ୍ରଭା ନାୟକ, ଜ୍ୟୋତିରଞ୍ଜନ ବଳିଆର ସିଂଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଶିକ୍ଷାବିତ୍ ରମାକାନ୍ତ ମିଶ୍ରଙ୍କ ପରଲୋକ

**କାମାକ୍ଷାନଗର, ୨୨।୩ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ବିଶିଷ୍ଟ ଶିକ୍ଷାବିତ୍ ତଥା ସତ୍‌ସଙ୍ଗ ଆନ୍ଦୋଳନର ପ୍ରଚାରକ ସହ ପ୍ରତି ଋତ୍ୱିକ ରମାକାନ୍ତ ମିଶ୍ରଙ୍କର ୭୬ ବର୍ଷ



ବୟସରେ ନିଜ ଗ୍ରାମର ପୈତୃକ ବାସଭବନ ମାର୍ଥାପୁରଠାରେ ପରଲୋକ ଘଟିଯାଇଛି। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ସେ ୧୯୪୮ ମସିହା ଅକ୍ଟୋବର ୫ ତାରିଖ ଢେଙ୍କାନାଳ ଜିଲ୍ଲାର ମାର୍ଥାପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପ୍ରାରମ୍ଭିକ ଶିକ୍ଷା ନିଜ ଗ୍ରାମରେ ଗ୍ରହଣ କରିବା ପରେ ଭଦ୍ରକ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ସ୍ନାତକ ହାସଲ କରିଥିଲେ। ବିଭିନ୍ନ ବିଭାଗରେ ଚାକିରି କରିବାର ଅବସର ପାଇବା ସତ୍ୱେ ଶିକ୍ଷକତାକୁ ଆପଣାର କରି ଦୀର୍ଘ ୨୫ ବର୍ଷ ଧରି ନୂଆ ଭୁବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟରତ ଥିଲେ। ଏହା ସହିତ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇ ସହ ପ୍ରତି ଋତ୍ୱିକ ଭାବେ ଓଡ଼ିଶାର କୋଣ ଅନୁକୋଣ ତଥା ପଶ୍ଚିମବଙ୍ଗ, ଆସାମରେ ସତ୍‌ସଙ୍ଗ ଆନ୍ଦୋଳନକୁ ଉଜିବୀତ କରି ହଜାର ହଜାର ଲୋକଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ କରାଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପତ୍ନୀ, ତିନି ପୁଅ, ବୋହୂ, ନାତିନାତୁଣୀ, ଝିଅ, ପୁତୁରା, ପୁତୁରା ବୋହୂ ତଥା ସାନ ଭାଇ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପରଜଙ୍ଗରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ



**କାମାକ୍ଷାନଗର, ୨୨।୩ (ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେଡି କାର୍ଯ୍ୟକର୍ତ୍ତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ତରଫରୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ୩ ଜୋନ୍‌ର ୬ ଗୋଟି ପଞ୍ଚାୟତର ସମସ୍ତ ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ମକୁଆକାଟେଣି ପଞ୍ଚାୟତରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ, ପରଜଙ୍ଗ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତୀ ଯୋଗଦେଇ କିପରି ଭାବରେ ତୃଣମୂଳସ୍ତରକୁ ଯାଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ବିଷୟରେ ଜନସାଧାରଣଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ଓ ବିଧାୟକ ଶ୍ରୀ ସାହୁଙ୍କୁ ପୁନର୍ବାର ଜିତାଇବା ପାଇଁ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ କଙ୍କଡ଼ାହାଡ଼ ବ୍ଲକ ସଭାପତି ଅମ୍ବୁଜ ସାହୁ, ଜିଲ୍ଲାପରିଷଦ ସଭ୍ୟ ରବିନାରାୟଣ ପଧାନ, ସମାଜସେବୀ ରମେଶ ମିଶ୍ର ଉପସ୍ଥିତ ଥିଲେ।

# ବିଶ୍ୱ ଜଳ ଦିବସ ପାଳିତ



**ଗଁଦିଆ, ୨୨।୩ (ସମିସ):** ଗଁଦିଆ ବ୍ଲକ ସୋରିଶିଆପଦା ଗ୍ରାମ ପଞ୍ଚାୟତ ବଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳର ଆବଶ୍ୟକତା ଉପରେ ଆଲୋଚନା କରି ଜଳର ସୁବ୍ୟବହାର ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରୀୟ ସହଯୋଗ କରିଥିଲେ।

# ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୨୨।୩ (ସମିସ):** କାମାକ୍ଷାନଗର ଥାନା ଗୁଣ୍ଡିଚାନାଳୀ ଗାଁ ରାମିଆଳ ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯାଜପୁର ଜିଲ୍ଲା କାଳିଆପାଣି ଥାନା ଟାଟାମାଇନ୍ସ ଅଞ୍ଚଳର ରେଣୁ ପୂର୍ତ୍ତି (୬୫) ଦୀର୍ଘ ୨ମାସ ହେବ ଗୁଣ୍ଡିଚାନାଳୀ ଗ୍ରାମରେ ରହି ମୁଲମଜୁରି କରି ରହିଆସୁଥିଲେ। ଗତକାଲି ଅପରାହ୍ନରେ ଜାଳେଣି କାଠ ଆଣିବାକୁ ନଦୀ ପାର ହୋଇ ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି କରି କୌଣସି ସନ୍ଧାନ ପାଇ ନଥିଲେ। ଆଜି ତାଙ୍କ ମୃତଦେହ ନଦୀରେ ଭାସୁଥିବା ନେଇ ସ୍ଥାନୀୟ ଲୋକ ଦେଖି ପୁଲିସ ଓ ପରିବାରକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।

# ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ବନ ଦିବସ

**ଢେଙ୍କାନାଳ, ୨୨।୩ (ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସନାଲ ଷ୍ଟଡିଜ ବିଭାଗ ତଥା ଏମ୍‌ବିଏ ଓ ଏମଏମସି କମ୍ପ୍ୟୁଟର ସାଇନ୍ସ ବିଭାଗ ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିବା ସହ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୃଷ୍ଟି ଓ ସୁରକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ। ବିଭାଗର କାର୍ଯ୍ୟକାରିଣୀ ସଂଯୋଜକ ଦେବରାଜ ପରିଡ଼ା ଚାରାରୋପଣ କରି



ବୃକ୍ଷରୋପଣ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବଗିଚାକୁ ପରିଷ୍କାର କରିବା ସହିତ ବୃକ୍ଷରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ମାନସୀ ରଥ, ରୋଜାଲିନ ବେହେରା, ଇନ୍ଦିରା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପକ ସୁଶାନ୍ତ ପାଲ, ସନ୍ତୋଷ ନନ୍ଦ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପାଳଛତୁର ଗନ୍ତାଘର ପଦ୍ମପୋଖରୀ

# ସ୍ୱାବଲମ୍ବୀ ହୋଇଛନ୍ତି ୩୦ରୁ ଅଧିକ ପରିବାର

କାମାକ୍ଷାନଗର, ୨୨।୩ (ସମିସ)

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଞ୍ଚାୟତ ପଦ୍ମପୋଖରୀ ଗ୍ରାମର ୩୦ରୁ ଅଧିକ ପରିବାର ଛତୁଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ସେମାନଙ୍କୁ ଦେଖି ଅନ୍ୟମାନେ ମଧ୍ୟ ଛତୁ ଚାଷ କରିବା ପାଇଁ ଉତ୍ସାହିତ ହେଉଥିବା ଜଣାପଡ଼ିଛି। ଖରା ଓ ହେଉକି ବର୍ଷା, ଓଡ଼ିଆ ଲୋକଙ୍କ ଖାଇବା ଥାଳିରେ ଛତୁର ସ୍ଥାନ ସ୍ୱତନ୍ତ୍ର। ଛତୁ ଭଜା ହେଉ କିମ୍ବା ତରକାରୀ କି ପତ୍ର ପୋଡ଼ା ତାହାର ସ୍ୱାଦ ସମ୍ପୂର୍ଣ୍ଣ ନିଆରା। ଏସବୁ ସ୍ୱାଦିଷ୍ଟ ବ୍ୟଞ୍ଜନ ଯଦି ପାଳଛତୁରେ ହୁଏ ତାହାଲେ ଖାଇବାର ମଜା ନିହାତି ଅଲଗା। ପାଳଛତୁ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ। ଗ୍ରାମରେ ପ୍ରାୟ ୬୦ରୁ ୭୦ ପରିବାର ବସବାସ କରୁଥିବା ବେଳେ ଅଳ୍ପକିଛି ଲୋକ ସରକାରୀ ଚାକିରି କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ଛତୁ ଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଗ୍ରାମରେ ଥିବା ପ୍ରାୟ ୨୦ ଏକର ଜମିରେ ଛତୁଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ୩୦ରୁ ଊର୍ଦ୍ଧ୍ୱ ଚାଷୀ ଓ ସେମାନଙ୍କ ପରିବାର। ଯେଉଁଥିପାଇଁ ପଦ୍ମପୋଖରୀ ଗାଁ ପାଲଟିଛି ଛତୁଚାଷର ଗନ୍ତାଘର। ଛତୁଚାଷ ପାଇଁ ପ୍ରଥମେ ନଡାକିଣି ତାକୁ ଗୋଟିଏ ଦିନ ପାଣିରେ ବୁଡ଼ାଇ ରଖାଯାଏ। ପରେ ତାହାକୁ ଖରାରେ ଶୁଖାଯାଇ ସାଇଜରେ କାଟି ବେଡ ପ୍ରସ୍ତୁତ କରାଯାଏ। ବେଡ ପ୍ରସ୍ତୁତ ହେବାପରେ ସେଥିରେ ଛତୁମଞ୍ଜି, ଚୋକଡ ପକାଇ ଜୈବିକ ପଦ୍ଧତିରେ ପ୍ରସ୍ତୁତି କରାଯାଏ। ଗୋଟିଏ ବେଡ଼ ପାଇଁ ୮୦ରୁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ରତ୍ୟେକ ଦିନ ଜଣେ ଚାଷୀ ପ୍ରାୟ ୧୦୦ରୁ ୧୨୦ ବେଡ଼ ପକାଇଥାନ୍ତି। ଯାହାଫଳରେ ପ୍ରାୟ ୮ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଛତୁ ବିକ୍ରି ହେବାପରେ ଚାଷୀଟି ପ୍ରାୟ ୭୦ରୁ ୮୦ କେଜି ଛତୁ ପାଇଥାଏ। ପଦ୍ମପୋଖରୀ ଗାଁରେ ହେଉଥିବା ଏହି ଛତୁଚାଷ ଏବେ ସାରା ରାଜ୍ୟକୁ ଛତୁ ଯୋଗାଉଛି। ଭୁବନେଶ୍ୱର, କଟକ, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନଗୁଳ, ଯାଜପୁର, ଢେଙ୍କାନାଳ ଆଦି ସହର ସହିତ ଜାମସେଦପୁର, ରାଞ୍ଚି ପ୍ରଭୃତି ରାଜ୍ୟ ବାହାର ସ୍ଥାନକୁ ଏଠାରୁ ଛତୁ ଯୋଗାଣ ହୋଇଥାଏ। ବର୍ଷର ପ୍ରାୟ ୮ ମାସ ଏଠାରେ ଛତୁଚାଷ କରାଯାଉଥିବା ବେଳେ କେବଳ ଶୀତ ଦିନେ ଛତୁଚାଷରେ ଅସୁବିଧା ଦେଖାଦିଏ। ଅତ୍ୟଧିକ କାକର ଯୋଗୁଁ ବେଡ଼ଗୁଡିକ ନଷ୍ଟ ହୋଇଯାଉଥିବାରୁ ସେହି ସମୟରେ ଛତୁଚାଷ କରି କ୍ଷତି ସହନ୍ତି। ସେଥିପାଇଁ ସରକାରଙ୍କ ତରଫରୁ ଛତୁଚାଷ ହେଉଥିବା ଜମିରେ ଆଜବେଷ୍ଟସ ସେଡ୍ ତଥା ନୂତନ ଜ୍ଞାନକୌଶଳର ଆବଶ୍ୟକତା ରହିଥିବା ଛତୁ ଚାଷୀମାନେ ପ୍ରକାଶ କରିଛନ୍ତି। ଯାହାଫଳରେ ବର୍ଷସାରା ସେମାନେ ସୁବିଧାରେ ଛତୁ ଚାଷ କରିପାରିବା ସହ ଏହି ଚାଷରେ କାମକରୁଥିବା ଶ୍ରମିକମାନେ ମଧ୍ୟ ଭଲ ଦୁଇ ପଇସା ରୋଜଗାର କରିପାରନ୍ତେ।





ପ୍ରତିଦିନ ଏଠାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଛତୁ ରାଜ୍ୟ ତଥା ରାଜ୍ୟ ବାହାରକୁ ରପ୍ତାନି ହେଉଥିବା ବେଳେ ବର୍ଷକୁ ୪ରୁ ୫ ଲକ୍ଷ ଟଙ୍କା ଆୟ କରନ୍ତି ଚାଷୀ। ସେଥିରେ ଶ୍ରମିକଙ୍କ ଖର୍ଚ୍ଚ ଓ ଚାଷ ପାଇଁ ଆବଶ୍ୟକୀୟ କଞ୍ଚାମାଲ ଆଣିବା ସମ୍ଭବପର ହେଉନଥିବାରୁ ସରକାରୀ ସହାୟତା ଯୋଗାଇବା ପାଇଁ ନିବେଦନ କରିଛନ୍ତି।

● ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ

# ପରୀକ୍ଷା ଦେଲେ ଜିଲ୍ଲାର ୩ ହଜାର ୭୪ ପରୀକ୍ଷାର୍ଥୀ



**ଢେଙ୍କାନାଳ, ୨୨।୩ (ସମିସ):** ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନେତୃତ୍ୱରେ ରାଜ୍ୟସ୍ତରୀୟ ଉପଲବ୍ଧି ପରୀକ୍ଷଣ କ୍ଲାସ ଜିଲ୍ଲାର ୮୦ଟି ବିଦ୍ୟାଳୟ ଏଥିରେ ସାମିଲ ହେଉଛନ୍ତି। ପ୍ରତି ବ୍ଲକରୁ ୧୦ଟି ନମୁନା ବିଦ୍ୟାଳୟରେ ୨୦ଟି ଶ୍ରେଣୀରେ ଏହି ପରୀକ୍ଷଣ ହୋଇଥିବା ବେଳେ ଦ୍ୱିତୀୟ, ଶ୍ରେଣୀର ୧ ହଜାର ୧୮୭ ଚତୁର୍ଥ ଶ୍ରେଣୀର ୯୩୨ ଓ ସପ୍ତମ ଶ୍ରେଣୀର ୯୫୫ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି।

ସେହିପରି ୨୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୮୦ ଜଣ ପ୍ରଧାନ ଶିକ୍ଷକ ଏହି ସର୍ବେକ୍ଷଣରେ ସାମିଲ ହୋଇଛନ୍ତି। ପରୀକ୍ଷା ପରିଚାଳନା ତଥା ତଥ୍ୟ ସଂଗ୍ରହ ଲାଗି ୧୬୦ ଜଣ କ୍ଷେତ୍ର ଅନୁସନ୍ଧାନକାରୀ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ନିଯୁକ୍ତି ପାଇଥିଲେ। ପୂର୍ବାହ୍ନ ୧୧ଟାରେ ସମସ୍ତ ନମୁନା ବିଦ୍ୟାଳୟରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପ୍ରତି ବ୍ଲକରେ ଏସସିଇଆରଟି ତରଫରୁ ନିଯୁକ୍ତ ନୋଡାଲ ଅଧିକାରୀମାନେ ପରୀକ୍ଷା ପରିଚାଳନକୁ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ ଜିଲ୍ଲାରେ ପରୀକ୍ଷା ସମ୍ପନ୍ନ ହୋଇଥିବାରୁ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ଓ ପ୍ରଧାନ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦାମ ବାବୁଙ୍କୁ ଜଗତ୍‌ସିଂହପୁର ଜିଲ୍ଲାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି








**ତିର୍ତ୍ତୋଲ,୨୨।୩(ସମିସ)**

ଦିବଙ୍ଗତ ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଡା.ଦାମୋଦର ରାଉତଙ୍କ ମରଶରୀର ଏକ ଶୋଭାଯାତ୍ରାରେ ଅପରାହ୍ନରେ ତିର୍ତ୍ତୋଲରେ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କ ମରଶରୀର ତିର୍ତ୍ତୋଲ ଗ୍ରାମସ୍ଥିତ ବାସଭବନରେ ପହଞ୍ଚିବା ପରେ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବିଜେଡି ଜେତା ଡ.ରମାକାନ୍ତ ଭୋଇ, ତିର୍ତ୍ତୋଲ ବ୍ଲକ ଆମ୍ବା ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ, ଇଂ ଆଶୁତୋଷ ମଲ୍ଲିକ, ବିଜୟା ମହାନ୍ତି, ରବିନାରାୟଣ କର, ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, କଂଗ୍ରେସ ନେତା ବିପ୍ଳବ ଚୌଧୁରୀ, ପତିତପାବନ ହୋତା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଡେଜାଲିନ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ପ୍ରବୀର ରାୟ, ବିନୟ ମହାପାତ୍ର, ମନୋରନ ମହାପାତ୍ର, ଯଶୋବନ୍ତ ରାଉତ, ସରପଞ୍ଚ ଅଶୋକ ନାୟକ, ଉମେଶ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଦଳୀୟ କର୍ମୀ ଓ ବହୁ ଦାମବାବୁଙ୍କ ସମର୍ଥକ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାମ ବାବୁ ଅମର ରହେ ନାରାରେ ପ୍ରକମ୍ପିତ ହୋଇଥିଲା। ସେହିପରି ସାରଳାରୋଡ ଠାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ସମାଜସେବୀ ବିରଜା ପ୍ରସନ୍ନ ପରିଜା, ଅକ୍ଷୟ ମହାନ୍ତି, ସୁରେନ୍ଦ୍ର ସାହୁ, ଦେବବ୍ରତ ବାରିକ, ସୁଦର୍ଶନ ପଣ୍ଡା, ସନାତନ ସାହୁ, ଚିତ୍ତରନ ପରିଜା, ଯୋଗି ସିଂ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତିର୍ତ୍ତୋଲ କଲେଜ ସମ୍ମୁଖରେ ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ବସନ୍ତ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଡ.ପ୍ରଭାସ ରନ ପାଣି, ପ୍ରାଧ୍ୟାପିକା ମମତା ରାଉତ, ପ୍ରାଧ୍ୟାପକ ରନ ଦାସ, ଅଧ୍ୟାପକ ନରେଶ ମହାପାତ୍ର, ଅଧ୍ୟାପକ ଦୀପକ ସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ରାଉତ ପାଠ ପଢିଥିବା ମଣିଚରଣ ଶାରଳା ଏକାଡେମୀ ଠାରେ କୁମାରୋତ୍ସବ ସମିତି ତିର୍ତ୍ତୋଲ ତରଫରୁ ନବକିଶୋର ମହାପାତ୍ର, ରାକେଶ ମହାପାତ୍ର, ଅନୀଲ ମହାପାତ୍ର, ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଥାନାଗଡା ଓ ମଣିଜଙ୍ଗାଠାରେ ମଧ ଡ.ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ଏରସମା:** ଏରସମାର ମଲିପୁର ଗ୍ରାମରେ ଜନ୍ମ ଗ୍ରହଣ କରି ପରେ ସମଗ୍ର ରାଜ୍ୟରେ ଜଣେ ପ୍ରସିଦ୍ଧ ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ପରିଚୟ ସୃଷ୍ଟି କରି ପାରିଥିବା ବ୍ୟକ୍ତି ହେଉଛନ୍ତି ଡ଼. ଦାମୋଦର ରାଉତ। ସେ ପ୍ରଥମେ ୧୯୭୭ମସିହାରେ ଏରସମା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ପରେ ମଲିଫୁଲ ବାସିଲାପରି ମହକି ଉଠିଥିଲେ ଦାମ ବାବୁ। କଲେଜ ରାଜନୀତିରୁ ରାଜନୀତି ଜୀବନ ଆରମ୍ଭ କରି ସମଗ୍ର ଓଡିଶାରେ ଏକ ଚର୍ଚ୍ଚିତ ଚେହେରା ପାଲଟିଗଲେ। ନିଜର ପରିଚୟ କରିବା ସହିତ ଜନ୍ମ ଅଞ୍ଚଳ ଏରସମାକୁ ସମଗ୍ର ଓଡିଶାରେ ପରିଚୟ କରାଇଥିଲେ। ୧୯୯୯ ମସିହା ମହାବାତ୍ୟା ସମୟରେ ସାରା ରାଜ୍ୟରେ ଅଧିକ କ୍ଷୟକ୍ଷତି ହୋଇଥିଲା ଏରସମା ବ୍ଲକରେ। ସେହି ସମୟରେ ଏରସମା ଅଞ୍ଚଳବାସୀଙ୍କ ପାଇଁ ରକ୍ଷା କର୍ତ୍ତା ସାଜିଥିଲେ ଦାମବାବୁ। ୨୫ ପଞ୍ଚାୟତର ଲୋକମାନଙ୍କ ପାଖରେ ପହଞ୍ଚି ରହିବା ଖାଇବାର ବ୍ୟବସ୍ଥା କରାଇଥିଲେ।ମରିଥିବା ଲୋକଙ୍କ ପରିବାରକୁ ଆର୍ଥିକ ସହାୟତା ମିଳିବା ପାଇଁ ନିଜେ କରି ଉଦ୍ୟମ କରି ସଫଳ ହୋଇଥିଲେ। ମହାବାତ୍ୟା ପରେ କିପରି ଏରସମାକୁ ସଜାଡିବେ ତାର ସଠିକ ଯୋଜନା କରିଥିଲେ। କଚା ରାସ୍ତାକୁ ହଟାଇ ଗାଁ ଗାଁରେ ଢଳେଇ ରାସ୍ତା, ସମସ୍ତ ଅଞ୍ଚଳକୁ ଯିବାପାଇଁ ପିଚୁ ରାସ୍ତା କରାଇଥିଲେ। ବ୍ଲକ କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟର ନୁତନ ଗୃହ ନିର୍ମାଣ କରିଥିଲେ।ପଞ୍ଚାୟତରାଜ ମନ୍ତ୍ରୀ ଥିବା ସମୟରେ ପ୍ରତି ପଞ୍ଚାୟତ କାଯ୍ୟାଳୟ କରାଇଥିଲେ ସେ। ଏରସମାର ଅନେକ ମନ୍ଦିରର ନିର୍ମାଣ କରଥିଲେ। ଏରସମାର କାଶିବିଶ୍ୱନାଥ ମନ୍ଦିର,ଗଡକୁଜଙ୍ଗ ଜଗନ୍ନାଥ ମନ୍ଦିର, ସରବନ୍ତ ଝାଡୁଆ ଜଗନ୍ନାଥ ମନ୍ଦିର, ଏହିପରି ଅନେକ ମନ୍ଦିର ନିର୍ମାଣ କରିଥିଲେ ସେ। ସମସ୍ତ ମନ୍ଦିରର ଟ୍ରଷ୍ଟି ସାଜି ମନ୍ଦିର ପରିଚାଳନା କରିବା ପାଇଁ କମିଟି ଗଠନ କରି ଠାକୁରଙ୍କ ନୀତି ପ୍ରସ୍ତୁତ କରିଥିଲେ।

ଏରସମାରେ କାର୍ଯ୍ୟରତ ସାମ୍ବାଦିକ ସଂଘ ସହିତ ମିଳିତ ହୋଇ ଏରସମା ଅଞ୍ଚଳକୁ ସଜାଡ଼ିବାରେ ମୁଖ୍ୟ ସାଜି ଉପଦେଷ୍ଟା ସାଜିଥିଲେ ସେ। ସଂଘର ସଭାପତି ସ୍ୱର୍ଗତ ସୁଶିଲ ମହାନ୍ତିଙ୍କ ସହ ଆଲୋଚନା କରି ଲୋକଙ୍କ ପାଖରେ ପହଞ୍ଚୁଥିଲେ ସେ। ଆଜି ତାଙ୍କର ମୃତ୍ୟୁ ଖବର ପାଇବା ପରେ ସମଗ୍ର ଏରସମା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଦିନ ୪ଟା ସମୟରେ ତାଙ୍କ ମର ଶରୀର ପାରାଦୀପରୁ ବାହାରି ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ପଞ୍ଚାୟତରେ ପହଞ୍ଚି ଥିଲା। ତାଙ୍କୁ ଭଲ ପାଉଥିବା ଶହ ଶହ ସଂଖ୍ୟାରେ ଜନତା ଦାମବାବୁ ଅମର ରହେ ସ୍ଲୋଗାନ ଦେଇ ତାଙ୍କର ଶେଷ ଦର୍ଶନ କରିଥିଲେ।



**ରଘୁନାଥପୁର:** ସ୍ୱର୍ଗତ ଦାମବାବୁଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ପାରାଦ୍ୱୀପ ଅଭିମୁଖେ ଯିବା ସମୟରେ ରଘୁନାଥପୁର ବଜାରର ବିଜୁ ପଟ୍ଟନାୟକ ଛକ ନିକଟରେ ସ୍ୱର୍ଗତ ରାଉତଙ୍କ ଶୁଭେଚ୍ଛୁ,ଶତାଧିକ ବିଜେଡି କର୍ମୀ ସ୍ୱର୍ଗତ ରାଉତଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦାମବାବୁ ଅମର ରହେ ନାରା ଦେଇ କର୍ମୀ ଓ ଶୁଭେଚ୍ଛୁ ମାନେ ପାର୍ଥିବ ଶରୀରକୁ ପାରାଦ୍ୱୀପ ଅଭିମୁଖେ ପାଛୋଟି ନେଇଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ,ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ,ରାଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଗୌତମ ପାଳିତ,ସ୍ୱର୍ଗତ ଦାମବାବୁଙ୍କ ଏକାନ୍ତ ଅନୁଗତ ଦିବାକର ଖଟୁଆ, ଜଗନ୍ନାଥପୁର ସରପଞ୍ଚ ଜଗନ୍ନାଥ ମଲ୍ଲିକ,ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ବିଜେଡି ନେତା ରମାକାନ୍ତ ଭୋଇ, ବିଜେଡି ଯୁବନେତା ଅନ୍ତର୍ଯ୍ୟାମି ରାଉତ,ତାରାକାନ୍ତ ଜେନା, ନିରାକାର ଖୁଣ୍ଟିଆ, ବିମୋଦ ଜେନା, ପ୍ରକାଶ ମଲ୍ଲିକ, ତରିକୁନ୍ଦ ସରପଞ୍ଚ ବନମାଳି ସାହୁ,ରାଜା ପଣ୍ଡା,ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିର ବିଜେଡି ଯୁବ ଉପସଭାପତି ଚନ୍ଦ୍ରକାନ୍ତ ପଣ୍ଡା,ରାଘୁନାଥପୁର ପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା,ରାଢଙ୍ଗ ସରପଞ୍ଚ ଶୁଶିଲ ବାରିକ,ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା,ତାରପୁର ସରପଞ୍ଚ ସୁଷମା ମଲ୍ଲିକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ଶୁଭେଚ୍ଛୁ ମାନେ ଅଶ୍ରୁଳ ଶଦ୍ଧାଳି ଜଣାଇଛନ୍ତି।



**କୁଜଙ୍ଗ:** ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳୀର ପ୍ରଥିତଯଶା ରାଜନେତା ଡାକ୍ତର ଦାମୋଦର ରାଉତଙ୍କୁ ଶୁକ୍ରବାର ଭୋର ସମୟରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହୋଇଯିବାମାତ୍ରେ ସମଗ୍ର ଅଞ୍ଚଳରେ ଶୋକର ପ୍ରକାଶ ପାଇବା ସହ ଦଳମତ ନିର୍ବିଶେଷରେ ସମାଜର ସବୁବର୍ଗର ଲୋକ ତାଙ୍କର ଶେଷ ଦର୍ଶନ କରିବାପାଇଁ ରାହାମା, କୁଜଙ୍ଗରେ ଦୀର୍ଘ ସମୟ ଅପେକ୍ଷାରତ ଥିଲେ। ତାଙ୍କର ମର ଶରୀର ଏଠାରେ ପହଞ୍ଚିବା ପରେ ପୂର୍ବତନ ସାଂସଦ ତଥା ତାଙ୍କ ରାଜନୈତିକ ଗୁରୁ ଡାକ୍ତର କୁଳମଣି ସାମଲ, କବି ପିତାମ୍ବର ତରାଇ, ବିଜେପି ନେତା ସମ୍ପଦ ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା,ବରିଷ୍ଠ ରାଜନେତା ସରୋଜ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କଂଗ୍ରେସ ନେତା ରମେଶ ଚନ୍ଦ୍ର ଦାସ, ନୂତନ ତ୍ରିପାଠୀ, ବିଜେଡି ନେତା ପ୍ରଭାସ ରଂଜନ ଗୁରୁ, ପାରଦ୍ୱୀପ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ଏମପିଙ୍କ ପ୍ରତିନିଧି ସୁତଲ ସ୍ୱାଇଁ, ସିପିଆଇ ନେତ୍ରୀ ଜିନ୍ମୟୀ ସାହାଣୀ, କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସଭାପତି ଶୁସାନ୍ତ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ, କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘାନାଥ ସାହୁ ଗଣମାଧ୍ୟମ ପ୍ରତିନିଧି ଓ ବଣିକ ସଂଘ ପକ୍ଷରୁ ସଭାପତି ନିରଞ୍ଜନ ସାହୁ, , ଲୋକନାଥ ଦାସ, ପୂର୍ବତନ ଉପାଧ୍ୟକ୍ଷ ପ୍ରକାଶ ପରିଡାଙ୍କ ସମେତ ସମସ୍ତ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରାହାମାରେ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଅଜୟ ସାହୁ, ବ୍ରଜ କିଶୋର ମହାରାଜଙ୍କ ସହ ବହୁ ପଞ୍ଚାୟତର ସରପଞ୍ଚ ଓ ବହୁ ବିଜେଡି ରାଜନେତା ପୁଷ୍ପମାଲ୍ୟ ଦେଇଥିବା ବେଳେ ଭୂତମୁଣ୍ଡାଇରେ ବଜାର କମିଟିର ସଭାପତି ସୁରେଶ ଚନ୍ଦ୍ର ଖଟାଇଙ୍କ ସହ ସମସ୍ତ ସଦସ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ କୁଜଙ୍ଗ ମହାବିଦ୍ୟାଳୟ ଓ ଅନ୍ୟାନ ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଆଜି ଦାମବାବୁଙ୍କ ପାର୍ଥୀବ ଶରୀର ଅପରାହ୍ନରେ କୁଜଙ୍ଗ ପହଞ୍ଚିବା ପରେ ପ୍ରବଳ ଭିଡ ଯୋଗୁ ଏହାର ଫାଇଦା ଉଠାଇଛନ୍ତି କେତକ ଉଦ୍‌ଭ୍ରାନ୍ତ ଯୁବକ। ଏହି ଅବସରରେ ଦୁଇ ଜଣଙ୍କ ପକେଟମାରୁ ହୋଇଥିବା ସୂଚନା ମିଳିଛି।

## ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



**ପାରାଦୀପ,୨୨।୩(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ) ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି। ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ, ସୁରକ୍ଷା ସମ୍ପର୍କିତ ତାଲିମ ସମେତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍ମଚାରୀମାନେ ସୁରକ୍ଷିତ ହେଲେ ଏକ ଦୃଢ ଶିଳ୍ପ ସଂସ୍ଥା ଗଠିତ ହୋଇପାରିବ ବୋଲି ଏଏମ୍/ଏନଏସ ଓଡିଶା ଅପରେସନ ହେଡ୍ ସୁରେଶା ଜି ଉଦଯାପନୀ ସମାରୋହର ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଏଏମ୍/ଏନଏସ ସବୁବେଳେ ଗୁରୁତ୍ୱ ଦେଇଆସିଛି। ଆଗାମୀ ଦିନରେ ଏହା ବଳବତ୍ତର ରହିବ ବୋଲି କହିଥିଲେ। ପିଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ପାଓାର ପ୍ଲାଣ୍ଟ ମୁଖ୍ୟ ସରୋଜ ପଟ୍ଟନାୟକ, ପରିଚାଳନା ମୁଖ୍ୟ ସିଏଚ ହରିପ୍ରସାଦ, ସ୍ୱାସ୍ଥ୍ୟ ଓ ସୁରକ୍ଷା ମୁଖ୍ୟ ସଂଜୟ ମୁଦୁଲି ପ୍ରମୁଖ ଯୋଗ ଦେଇ ସୁରକ୍ଷା ସମ୍ପର୍କିତ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

## କୁଜଙ୍ଗର ପୂର୍ବତନ ଆର୍‌ଆଇଙ୍କୁ ୨ ବର୍ଷ ଜେଲ୍, ପେନ୍‌ସନ ବନ୍ଦ

**ଜଗତସିଂହପୁର,୨୨।୩(ସମିସ):** ଜିଲ୍ଲାର କୁଜଙ୍ଗ ତହସିଲ ଅଧିନ କୁଜଙ୍ଗ ଆର.ଆଇ. ସର୍କଲର ପୂର୍ବତନ ରେଭିନ୍ୟୁ ଇନିସପେକ୍ଟର ସୁବାସ ଚନ୍ଦ୍ର ଦାସଙ୍କୁ ୨୦୧୮ ମସିହାର ଏକ ଭିଜିଲାନ୍ସ ମାମଲାରେ ୨ ବର୍ଷ ଜେଲ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ପୂର୍ବତନ ଆର.ଆଇ ଶ୍ରୀ ଦାସ ୧୭।୧।୨୦୧୮ ରେ ଏକ ମ୍ୟୁଟେସନ ପଟ୍ଟାର ଭେରିଫିକେସନ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତତ୍‌କାଳୀନ ଭିଜିଲାନ୍ସ ଇନିସପେକ୍ଟର ଅନୁପମା ସାହୁଙ୍କ ଦ୍ୱାରା ଧରାପଡିଥିଲେ। କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରାଯିବା ସହିତ କଟକ ଭିଜିଲାନ୍ସ କେସ୍ ନଂ ୧/୨୦୧୮ ମାମଲାରେ ଚାର୍ଜସିଟ ଦାଖଲ ହୋଇଥିଲା। ଏହି ମମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସାକ୍ଷ୍ୟ ପ୍ରାମାଣ ଗ୍ରହଣକରି ଆଜି ପୂର୍ବତନ ଆର୍‌ଆଇ ଶ୍ରୀ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ ଭୋଗିବାକୁ ଉକ୍ତ ଆଦେଶରେ ଉଲ୍ଲେଖ ରହିଛି। ଏହି ଆଦେଶ ପାଇବାପରେ ଭିଜିଲାନ୍ସ ବିଭାଗ ଅଭିଯୁକ୍ତ ଶ୍ରୀ ଦାସଙ୍କ ପେନସନ ବନ୍ଦ କରିବାକୁ ଠୋସ୍ ପଦକ୍ଷେପ ନେଇଥିବା ସୂଚନା ମିଳିଛି।

## ବାଲିକୁଦାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବାଲିକୁଦା,୨୨।୩(ସମିସ):** ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ଜଗତସିଂହପୁର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବାଲିକୁଦାର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର୍ମ ପୁଲିସ ଫୋର୍ସ, ରାଜ୍ୟ ଆର୍ମ ପୁଲିସ ଫୋର୍ସ, ଓ ୨ପ୍ଲାଟୁନ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ ମିଳିତ ଭାବରେ ବାଲିକୁଦା ବ୍ଲକର ଇଛାପୁର ଡ଼ ପ୍ରାଣକୃଷ୍ଣ ପରିଜା ବିଦ୍ୟାଳୟ ନିକଟରୁ ବାହାରି ମାଧୁରୀ ବଜାର, ବାଖରାବାଦ,ବଡାଘର, ମଲ୍ଲିକାପୁର,ନାଗପୁର,ବାଲିକୁଦା କାଠଗୋଲା ଛକ, ବାଲିକୁଦା ବଜାର,ହାଟଗଡ଼ା କଣିଆ, ଈଶ୍ୱରପୁର ବ୍ଲକ ଛକ,ବଡ଼ଗାଁ, ତେରତାଙ୍ଗ, ବୋରିକିନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରି ଭୋଟର ମାନଙ୍କ ମନୋବଳକୁ ବୃଦ୍ଧି କରାଇଥିଲେ।ଏହି ଫ୍ଲାଗମାର୍ଚ୍ଚରେ ଡ଼ିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ,ବାଲିକୁଦା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ, ଏସଆଇ ବ୍ରହ୍ମାନନ୍ଦ ପଣ୍ଡା,ଏ ରାଜେଶ,ଏଏସଆଇ ଜ୍ଞାନରଞ୍ଜନ ଦାସ,ପ୍ରଭାତ ରାଉତ, ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ୧୭ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଉଦ୍ଧାର

### କଣାସ ନୀଳାଚଳ ସେବା ପ୍ରତିଷ୍ଠାନରେ ହେଲେ ଥଇଥାନ

**ଜଗତସିଂହପୁର,୨୨।୩(ସମିସ):** ବନ୍ଦର ସହର ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ଅସହାୟ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ବୃଦ୍ଧି ସମସ୍ୟା ସୃଷ୍ଟି କରିଛି। ଏହି ଖବର ପାଇ ବ୍ୟାସ ଫାଉଣ୍ଡେସନ ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ, ଉପସଭାନେତ୍ରୀ ରଶ୍ମିତା ନାୟକ, ସଦସ୍ୟ ସଂଗ୍ରାମ ନାୟକ,ବିପିନ ମାଝୀ ପ୍ରମୁଖ ପାରାଦୀପରେ ପହଞ୍ଚି ବଡ଼ପଡ଼ିଆ ପ୍ରେସ ଛକ, ବସଷ୍ଟାଣ୍ଡ, ଷଣ୍ଡକୁଦ ଇତ୍ୟାଦି ଅଞ୍ଚଳରୁ ୧୭ ଜଣ ଅସହାୟ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି ସେମାନଙ୍କୁ ପୁରୀ ଜିଲ୍ଲାର କଣାସଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ କରିଥିଲେ। ଏଠାରେ ସୂଚନା ଥାଉକି, ନୀଳାଚଳ ସେବା ପ୍ରତିଷ୍ଠାନର ସଂଯୋଜକ କୃଷ୍ଣ ଚନ୍ଦ୍ର ନିଶଙ୍କ, ମଳୟ କୁମାର ନାୟକ, ସରୋଜ କୁମାର ଦାସ, ମାମାଲି ଜେନା, ବିକାଶ କୁମାର ସେଠୀଙ୍କ ସହୋଯୋଗ ଓ ଚିକିତ୍ସା ସେବା ପାଇବା ପରେ ଅନେକ ମାନସିକ ରୋଗୀ ସୁସ୍ଥ ହୋଇ ନିଜ ଘରକୁ ଫେରିଥିବା ସଂଗଠନ ପକ୍ଷରୁ ସୂଚନା ମିଳିଛି।




### ଜାତୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ପାରିବାରିକ ବନ୍ଧନର ପବିତ୍ରତା ବଖାଣିଲା ‘ଯଯାତି’

**ପାରାଦୀପ,୨୨।୩(ସମିସ):** ସ୍ୱାମୀ ସ୍ତ୍ରୀର ସଂପର୍କ ପବିତ୍ର ଓ ସଦା ଅତୁଟ। ଉଭୟ ଗୋଟିଏ ନାଆର ନାଉରୀ ସାଜି ସଂସାର ରୂପକ ନଦୀରେ ସବୁ ବାଧା ବିଘ୍ନକୁ ସାମ୍ନା କରି ଆଗକୁ ବଢନ୍ତି। ଏ ସଂପର୍କ ମଧ୍ୟରେ ନା ରହେ କ୍ରୋଧ ନା ଆସେ ଗର୍ବ ଥାଏ ତ କେବଳ ବଚସା ଓ ଖୁବ୍ ସାରା ଭଲପାଇବା। କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ୪ର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିବା ନାଟକ ‘ଯଯାତି’ ସ୍ୱାମୀ ସ୍ତ୍ରୀ ସମ୍ପର୍କରେ କିଭଳି ତିକ୍ତତା ସୃଷ୍ଟି ହୋଇଥାଏ ତାହାକୁ ଦର୍ଶାଇଥିଲେ। ବାଲେନ୍ଦ୍ର ସିଂ ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ହୋମ ଥିଏଟର ଗ୍ରୁପ୍ ଦ୍ୱାରା ପରିବେଷିତ ଏହି ନାଟକଟି ଯଯାତି ଏବଂ ଦେବଯାନୀ ଙ୍କ ବୈବାହିକ କାହାଣୀ ଉପରେ ପର୍ଯ୍ୟବେସିତ। ବୈବାହିକ ଜୀବନକୁ ସୁଖମୟ କରିବା ପାଇଁ ଉଭୟ ସ୍ୱାମୀ ସ୍ତ୍ରୀ ଙ୍କ ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ଓ ପରିପୂରକ ତାହା ନାଟ୍ୟକାର ମାନେ ଅତି ସୁନ୍ଦର ଭାବେ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପରିବେଷଣ କରିଛନ୍ତି। ଆଜି ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣର ଅର୍ଥବିଭାଗ ପରାମର୍ଶଦାତା ତଥା ଚିଫ ଆକାଉଣ୍ଟ ଅଫିସର ଡି.ଏନ. ସୋନ୍ଧି ଓ ସମ୍ମାନୀୟ ଅତିଥି ଭାବେ କେନ୍ଦ୍ରୀୟ ସୀମା ସୁରକ୍ଷା ବଳର କମାଣ୍ଡାଣ୍ଟ ଯୋଗ ଦେଇ ଆଜିର ସମାଜ ପାଇଁ ଏଭଳି ନାଟକ ଜରୁରୀ ବୋଲି କହିବା ସହିତ ନାଟକର ପ୍ରତିଟି ଚରିତ୍ର ଖୁବ୍ ହୃଦୟସ୍ପର୍ଶୀ ବୋଲି କହିଛନ୍ତି।



ସେହିପରି ଅନ୍ୟପଟେ ସମାନ ସନ୍ଧ୍ୟାରେ ଇଫକୋର ସଂସ୍କୃତି ଭବନ ଠାରେ କାନମାସ ଗ୍ରୁପ୍ ଦ୍ୱାରା ପରିବେଷଣ ହୋଇଛି ନାଟକ ‘ ମିଥ୍ୟାବାଦୀ ଜିନ୍ଦାବାଦ’। ଶ୍ରୀମନ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଆଜିର ସମାଜର ସମସାମୟିକ ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ମିଥ୍ୟବଚନ ମାଧ୍ୟମରେ ମିଥ୍ୟାବାଦୀ ବ୍ୟକ୍ତି କିଭଳି ମିଠା ମିଠା କଥା କହି ସମାଜରେ ଜନତାଙ୍କ ପ୍ରିୟପାତ୍ର ହୋଇପାରୁଛି ତାହା ନିର୍ଦ୍ଦେଶକ ଅତ୍ୟନ୍ତ ନିକଟରୁ ଦର୍ଶକଙ୍କୁ ନାଟକ ମିଥ୍ୟାବାଦୀ ମାଧ୍ୟମରେ ଦେଖାଇଛନ୍ତି। ନକଲି ଓ ମିଥ୍ୟା କାରବାର କଳିଯୁଗ ସମାଜରେ ତିଷ୍ଠି ରହିବାର ବର୍ତ୍ତମାନ ମୂଳମନ୍ତ୍ର ପାଲଟିଛି। ନିଛକ ସତ୍ୟ କହୁଥିବା ବ୍ୟକ୍ତି କିଭଳି ସମସ୍ତଙ୍କୁ କଷ୍ଟ ଦେଉଛି ଓ ମିଥ୍ୟାବାଦୀ ସାଜି ଜଣେ କିଭଳି ସମାଜରେ ଅନ୍ୟ ଜଣଙ୍କ ପ୍ରିୟଭାଜନ ହୋଇପାରୁଛି ତାହା ଏହି ନାଟକରେ ବର୍ଣ୍ଣନା କରାଯାଇଛି। ଏଣୁ ସତ୍ୟ ବଚନ କଷ୍ଟ ଦାୟକ ହେଲେ ମଧ୍ୟ ସଦାସର୍ବଦା ହିତକର ବୋଲି ନାଟ୍ୟକାର ନାଟକ ମାଧ୍ୟମରେ ଦର୍ଶକଙ୍କୁ ଚେତାଇ ଦେଇଛନ୍ତି। ୪ର୍ଥ ସନ୍ଧ୍ୟାରେ ଏହି ନାଟକ ମାଧ୍ୟମରେ କାନମାସ ଗ୍ରୁପର ସଦସ୍ୟ ମାନେ ସମାଜର ନିଛକ ସତ୍ୟକୁ ବର୍ଣ୍ଣନା କରି ଦର୍ଶକଙ୍କ ମନ ଜିଣିଛନ୍ତି। ଇଫକୋର ସଂସ୍କୃତି ଭବନଠାରେ ଆୟୋଜିତ ଏହି ନାଟକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଇଫକୋର ୟୁନିଟ ମୁଖ୍ୟ କେ.ଜେ. ପଟେଲ ଯୋଗ ଦେଇ ନିର୍ଦ୍ଦେଶକଙ୍କ ନିଆରା ଚିନ୍ତାଧାରାକୁ ଅତ୍ୟନ୍ତ ପ୍ରଶଂସା କରିବା ସହିତ କାନମାସ ଗ୍ରୁପ୍ର କଳାକାର ମାନଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ଏବଂ ହୃଦୟସ୍ପର୍ଶୀ ବୋଲି କହିଛନ୍ତି।

# ଭାଙ୍ଗିଲା ସେଲ୍‌ଫି ପଏଣ୍ଟ



**ଭୁବନ, ୨୨।୩ (ସମିସ):** ସହର ସୌନ୍ଦର୍ଯ୍ୟକରଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିର୍ମାଣରେ ବ୍ୟବହୃତ ସାମଗ୍ରୀର ମାନ ଏଭଳି ହୋଇଛି ଯେ ତାହା ଉଦ୍‌ଘାଟନ ପୂର୍ବରୁ ଭାଙ୍ଗି ଯାଇଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନଂ୧୪ର ଗଡ଼ି ଛକରେ ଭୁବନ ସେଲ୍‌ଫି ପଏଣ୍ଟ ନିର୍ମାଣ ଓ ସୋନ୍ଦର୍ଯ୍ୟକରଣ ନିମନ୍ତେ ରାଣୀ ଲକ୍ଷ୍ମୀବାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୬୦ ଦିନ ମଧ୍ୟରେ କାର୍ଯ୍ୟ ଶେଷ ହେବ। ଯାହାର ପ୍ରକଳ୍ପ କୋଡ ସି ୮୨ ଡି ବି ଏଚ୍ ୧୫-୦ ଅଟେ। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଚାଲିଛି। ଜମି ପୋତିବା ନିମନ୍ତେ ୫୦ ଟ୍ରକ କ୍ରୋମାଇଟ ଧୁଆ ମାଟି ପକାଯାଇଛି। ଜିଲ୍ଲା ପ୍ରଶାସନ ତାଗିଦ୍ ପରେ ସରକାରଙ୍କ ନିୟମକୁ ଆଖିଠାର ମାରିବା ପରି ମୋରମ ଘୋଡ଼ାଯାଇ ସମତୁଲ କରାଯାଇଛି। ତତ୍ ପରେ ପାଚେରି କରାଯାଇଛି। ଭୁବନ ସେଲ୍‌ଫି ପଏଣ୍ଟ ସ୍ଥାପନ କରାଯାଇଛି। ଉଦ୍‌ଘାଟନ ହୋଇନାହିଁ। ସେଥିପାଇଁ ଜରି ଘୋଡ଼ା ଯାଇଛି। ସୋ ଲାଇଟ୍ ଲଗାଯାଇଛି। ଏକ ସୁନ୍ଦର ପ୍ରଜାପତିଟି ଓଜନଦାର ଥିବାରୁ ମୂଳରୁ ଭାଙ୍ଗି ପଡ଼ିଛି। ଏନେଇ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରାଙ୍କୁ ପଚାରିବାର ସେ କୁହନ୍ତି ଯେହେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେଣୁ ଯେଉଁ ସ୍ଥାନ ଭାଙ୍ଗିଛି ତାହା ପୁନଃ ନିର୍ମାଣ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ କୁହାଯିବ।

# ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟିରେ ନିଆଁ



**ବଇଣ୍ଡା, ୨୨।୩(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗିପାଲି ଷ୍ଟେସନ ନିକଟରେ ଶୁକ୍ରବାର ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌ରେ ନିଆଁ ଲାଗିଥିଲା। ଇଞ୍ଜିନ ନିକଟସ୍ଥ ଟ୍ରେନ ବ୍ରେକ୍‌ରେ ଧୂଆଁ ଲାଗିବା ସହ ନିଆଁ ଲାଗିବା ଆରମ୍ଭ କରିଥିଲା। ଏହି ସମୟରେ ଚାଳକ ଜାଣିପାରି ଟ୍ରେନ୍‌କୁ ଅଟକାଇ ଥିଲେ। ପରେ ଟ୍ରେନରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଲିଭାଇଥିଲେ। ବଇଣ୍ଡା ଷ୍ଟେସନରୁ ଟ୍ରେନ୍‌ଟି ୪.୫୦ରେ ଛାଡ଼ିଥିବା ବେଳେ ୫.୦୫ ସମୟରେ ଟ୍ରେନ ବ୍ରେକ୍‌ରେ ନିଆଁ ଲାଗିବା ଆରମ୍ଭ କରିଥିଲା। ସରିଗିପାଲି ନିକଟରେ ଉକ୍ତ ଟ୍ରେନ ୧୫ ମିନିଟ ରହିବା ପରେ ସେଠାରୁ ନିଆଁ ଆୟତ୍ତ କରିବା ପରେ ସମ୍ବଲପୁର ଅଭିମୁଖେ ବାହାରି ଥିଲା। ଟ୍ରେନ୍‌ରେ ନିଆଁ ଲାଗିବା ସମ୍ପର୍କରେ ପ୍ରଚାର ହେବା ପରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଥିଲା। ଯାତ୍ରୀମାନେ ଟ୍ରେନରୁ ବାହାରକୁ ପଳାଇ ଆସିଥିଲେ। ନିଆଁ ଲିଭାଇବା ପରେ ଯାତ୍ରୀମାନେ ସୁରକ୍ଷିତ ଭାବେ ସମ୍ବଲପୁର ଅଭିମୁଖେ ଯାଇଥିଲେ।

■ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ପ୍ରାଧ୍ୟାପକ ବିରଜାଙ୍କୁ ଶ୍ରଦ୍ଧାଞ୍ଜଳି



**ଢେଙ୍କନାଳ, ୨୨।୩ (ସମିସ):** ଢେଙ୍କାନାଳର ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଜା କୁମାର ତ୍ରିପାଠୀଙ୍କ ପରଲୋକରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ଆୟୋଜିତ ଶୋକସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଆଲୁମ୍ନି ଆସୋସିଏସନ ସଭାପତି ଶିକ୍ଷାବିତ୍ ଅଭୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଦୀପକ ପଟ୍ଟନାୟକ, ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର, ଶିକ୍ଷାବିତ୍ ସୁକାନ୍ତ କୁମାର ମିଶ୍ର ଓ ଅଟଳ ବିହାରୀ ଦାସ, ବିରଞ୍ଚି ନାରାୟଣ ସେଠ୍, ଶରତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ରତନ ନାୟାର, ଅଧ୍ୟାପିକା ସୁମିତ୍ରା ବେହେରା, ଅଧ୍ୟାପକ ସମ୍ବିତ କୁମାର ସାହୁ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରି ପ୍ରାଧ୍ୟାପକ ବିରଜା କୁମାର ତ୍ରିପାଠୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଢେଙ୍କାନାଳ ନିର୍ବାଚନମଣ୍ଡଳୀ ବିଜେଡିର ମହାମିଶ୍ରଣ ପର୍ବ

# ବିଜେଡିରେ ସାମିଲ ହେଲେ ୧ ହଜାରରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ

ଢେଙ୍କନାଳ, ୨୨।୩ (ସମିସ)




ଢେଙ୍କାନାଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଏକ ମହାମିଶ୍ରଣ ପର୍ବ ବିଧାୟକ ସୁଧିର କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଜେଡି ଜିଲ୍ଲା ସଭାପତି ତଥା ପରଜଙ୍ଗ ବିଧାୟକ, ପୂର୍ବତନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳ ସହ ପର୍ଯ୍ୟବେକ୍ଷକ ଅମରଜିତ ସେନାପତି ଯୋଗେଦଇ ଢେଙ୍କାନାଳ ପୌରାଞ୍ଚଳର ୱାର୍ଡ ନମ୍ବର ୭, ୮, ୯, ୨୦, ୨୧ ଓ ୨୨ର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥେôଲ। ୱାର୍ଡ ନମ୍ବର ୭, ୮, ୯ର କର୍ମୀମାନେ ବିନୋଦ କୁମାର ମହାନ୍ତି, ରାମଜାନ ଖାନ, ସରୋଜ ମହାନ୍ତି, ପୁରସ୍ତମ ନାୟକ, ଅଶୋକ ଜେନା, ଦୁର୍ଗାନାୟକ, ରଞ୍ଜିତ ପିରେଇ, ସମ୍ବିତ ପିରେଇ, ଶିବ ପ୍ରସାଦ ସାହୁ, ଏସ୍ କେ ସୋହେଲ, ଅପ୍ତିକମ ନାୟକ, ଆଶିଷ ମହାପାତ୍ର, ଲୁଲ ମହାପାତ୍ର, ପିଣ୍ଟୁ ମହାପାତ୍ର, ରକି ବେଉରା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ମଣ୍ଡପଠାରେ ପହଞ୍ଚି ଥିଲେ। ସେହିପରି ସହର ମଧ୍ୟରେ ଥିବା ୱାର୍ଡ ନମ୍ବର ୨୦, ୨୧ ଓ ୨୨ର ପୂର୍ବତନ କାଉନସିଲର ବାପୁଜି ନାୟକ, ଆନନ୍ଦ କର, ସନ୍ଧ୍ୟାରାଣୀ ପଣ୍ଡା, ବିଦ୍ୟାଧର ପାଣି, ଜ୍ୟୋତିପ୍ରକାଶ ମହାପାତ୍ର, ଆଦିତ୍ୟ ମଲ୍ଲିକ(ଗାନ୍ଧୀ), ପ୍ରହରାଜ ନାୟକ, ବିକାଶ ଦେହୁରୀ, ଓମ ମଲ୍ଲିକ, ରଜତ ନାୟକ ଓ ବିକାଶ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାମଲ କର୍ମୀମାନଙ୍କୁ କହିଥେôଲ ଯେ ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ସମସ୍ତ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଓ 'ନବୀନ ଓଡ଼ିଶା' ଗଠନ ପାଇଁ ଆମ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମିଶ୍ରଣ ପବର୍କୁ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପରିଚାଳନା କରିଥିବା ବେଳେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ବନ ଉନ୍ନୟନ ନିଗମ ଉପେଦଷ୍ଟା ଦେବୀପ୍ରସାଦ ଭୁତିଆ, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, ଯୁବନେତା ଶ୍ରୀକାନ୍ତ ଧଳ, ଦୀପକ କୁମାର ମିଶ୍ର, ଉପ-ନଗରପାଳ ପ୍ରକାଶ କୁଅଁର, ଛାତ୍ର ସଭାପତି ସୁରଜ ମହାପାତ୍ର, ଲିଗାଲ୍ ସେଲ୍ ସଭାପତି ଗୋପାଳ ପାତ୍ର, ବିଜେଡିର ସମସ୍ତ କାଉନସିଲର, ଛାତ୍ର ବିଜେଡି ନଗର ସଭାପତି ସୋନୁରାମ ସିଂ, ଡିଜିଟାଲ ସମ୍ପାଦକ ଗଙ୍ଗାଧର ରାଉତଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥେôଲ। ଶେଷରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର ଧନ୍ୟବାଦ ଅପର୍ଣ କରିଥେôଲ। ଦିବଙ୍ଗତ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମ ରାଉତଙ୍କ ଅମର ଆତ୍ମର ସଦ୍‌ଗତି ନିମେନ୍ତ ଏକ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା।

# ଜେଏସ୍‌ପି ଫାଉଣ୍ଡେସନ୍ ପକ୍ଷରୁ ପୋଷାକ ଓ ଖାଦ୍ୟ ପ୍ରଦାନ




**ଅନୁଗୋଳ, ୨୨।୩(ସମିସ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଓପି ଜିନ୍ଦଲ ଗ୍ରୁପ୍‌ର ଚେୟାରମ୍ୟାନ୍ ଏମିରିଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ କମ୍ପାନୀର ସମସ୍ତ ଅଂଶୀଦାର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଗହଣରେ ପାଳିତ ହୋଇଯାଇଛି। ଏହି ଦିନଟିକୁ ଅଧିକ ସ୍ମରଣୀୟ କରିବା ପାଇଁ ଜେଏସପିର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟରତ ଜେଏସପି ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜିଲ୍ଲାର କୁଷ୍ଠାଶ୍ରମ, ଜରା ନିବାସରେ ଗ୍ରୀଷ୍ମକାଳୀନ ପୋଷାକ ଏବଂ ପୁଷ୍ଟିକର ଶୁଖିଲା ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଅନେକ ସ୍ଥାନୀୟ ବାସିନ୍ଦା ମଧ୍ୟ ସାମିଲ ହୋଇଥିଲେ। କମ୍ପାନୀର ଅନୁଗୋଳ ଶାଖାର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ଦାମୋଦର ମିତ୍ତଲ ଶ୍ରୀମତୀ ସାବିତ୍ରୀ ଜିନ୍ଦଲଙ୍କ ଉଦ୍ଦେଶ୍ୟରେ ଏକ କେକ୍ କାଟି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିରେ କମ୍ପାନୀର ଅନେକ କର୍ମଚାରୀ ଏବଂ ଅନ୍ୟ ଅଂଶୀଦାରମାନେ ଭାଗ ନେଇଥିଲେ। ସେହିଭଳି ଜିନ୍ଦଲ ମହିଳା ସମିତି ପକ୍ଷରୁ ଶ୍ରୀମତୀ ଅନିତା ମିତ୍ତଲଙ୍କ ନେତୃତ୍ୱରେ ଜନ୍ମଦିନର କେକ୍ କଟା ଯାଇ ଶ୍ରୀମତୀ ଜିନ୍ଦଲଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଏଥିରେ ଜିନ୍ଦଲ ନଗରର ଅନେକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀମତୀ ଜିନ୍ଦଲଙ୍କ ନିରନ୍ତର ସୁସ୍ଥତା କାମନା କରି ଦେବଭୂମି ଜଗନ୍ନାଥ ମନ୍ଦିରରେ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପରିସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏତଦବ୍ୟତୀତ ଶ୍ରମିକ ବିହାର, ଜିନ୍ଦଲ, ସାବିତ୍ରୀ ଜିନ୍ଦଲ ସ୍କୁଲ ପରିସରରେ ମଧ୍ୟ ଜନ୍ମଦିନ କେକ୍ କଟା ଯାଇଥିଲା ଏବଂ ଶ୍ରୀମତୀ ଜିନ୍ଦଲଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା।

# ଓଡ଼ାପଡ଼ା ସଂକୁଳର ସଂକୁଳସ୍ତରୀୟ ବୈଠକ

ଢେଙ୍କନାଳ, ୨୨।୩ (ସମିସ): ଓଡାପଡ଼ା ବ୍ଲକ ଅନ୍ତର୍ଗତ ଓଡାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଓଡାପଡ଼ା ସଂକୁଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡାପଡ଼ା ସଂକୁଳର ସଂକୁଳ ପ୍ରମୁଖ ଅଶୋକ କୁମାର ମହାରଣା ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ରସାନନ୍ଦ ଭୁତିଆ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ସମସ୍ତଙ୍କର ମଙ୍ଗଳକାମନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ସଂକୁଳ ବୈଠକରେ ଢେଙ୍କାନାଳ ଜିଲ୍ଲାର ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ ଅନ୍ୟତମ ଅତିଥି ଭାବରେ ଯୋଗଦାନ କରିଥିଲେ। ଜିଲ୍ଲାର ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ମଧ୍ୟ ଉକ୍ତ ବୈଠକରେ ଯୋଗଦାନ କରି ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଯୋଜନାଗୁଡ଼ିକ କ୍ରିୟାନ୍ୱୟନ କରିଥିଲେ। ସଂକୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ୨୦୨୪-୨୫ ଶିକ୍ଷା ବର୍ଷର ଆଗାମୀ ଯୋଜନାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଏ ସଂକୁଳସ୍ତରୀୟ ଆଲୋଚନାଚକ୍ରରେ ନୂତନ ଆଚାର୍ଯ୍ୟ ଚୟନ ଉପଯୁକ୍ତ ନିଯୁକ୍ତି ଦେବା ସମ୍ବନ୍ଧରେ ଆଲୋଚନା କରି ସଂକୁଳର ସମସ୍ତ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟମାନଙ୍କୁ ଅବଗତ କରାଯାଇଥିଲା। ଆଗାମୀ ୨୦୨୪-୨୫ ଶିକ୍ଷା ବର୍ଷ ଶୈକ୍ଷିକ ଖସଡ଼ା, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ କିପରି ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ସେ ବିଷୟରେ ଦଳଗତ ଆଲୋଚନା କରାଯାଇଥିଲା। ସଂସ୍କାର କେନ୍ଦ୍ର, ବିଭିନ୍ନ ପ୍ରଶିକ୍ଷଣ, ସଂକୁଳ ଜ୍ଞାନ ବିଜ୍ଞାନ ମେଳା, ସଂକୁଳ ଖେଳକୁଦ, ବିଭାଗ ସମ୍ବାଗର ବିଭିନ୍ନ କାର୍ଯ୍ୟକ୍ରମ ବିବରଣୀ ସମ୍ବନ୍ଧରେ, ସଂକୁଳରେ ବାଟିକା ବିଭାଗକୁ କିପରି ଅଧିକ ସୁଦୃଢ କରାଯାଇପାରିବ ସେ ବିଷୟରେ ସହ ଜିଲ୍ଲା ପ୍ରମୁଖ ସମସ୍ତ ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ ଓ ବାଟିକା ପ୍ରମୁଖମାନଙ୍କୁ ଅବଗତ କରାଇଥିଲେ। ଏହି ସଂକୁଳ ବୈଠକରେ ଓଡାପଡ଼ା ସଂକୁଳର ୭ଟି ବିଦ୍ୟାଳୟ ଯଥାଇନ୍ଦିପୁର, କାଶିଆଡିହି, ସିମିନଇ, ଓଡାପଡ଼ା, ଧଳପୁର, ମୋଟଙ୍ଗା, ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବାଟିକା ପ୍ରମୁଖମାନେ ଯୋଗଦାନ କରିଥିଲେ। ଓଡାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦିକା ବନଲତା ମହାପାତ୍ର ସଂକୁଳ ବୈଠକର ସମସ୍ତ ଆୟୋଜନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ସୌମ୍ୟ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାଭୋଇ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ କ୍ଷୀରାବ୍ଧି ତନୟା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ସଂକୁଳସ୍ତରୀୟ ବୈଠକରେ ଆୟୋଜ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୋନାଲିସା ଗୁରୁମା, ରଶ୍ମିତା ବେହେରା ଗୁରୁ ମା', ରଶ୍ମିତା ସାହୁ ଗୁରୁମା', ସତ୍ୟପ୍ରିୟା ଗୁରୁମା', କଳ୍ପନା ଗୁରୁମା', ପ୍ରୟଙ୍କା ଗୁରୁ ମା', ବନିତା ଗୁରୁ ମା', ସସ୍ମିତା ଗୁରୁ ମା', ତପସ୍ୱିନୀ ଗୁରୁ ମା', ନିର୍ମଳ ଗୁରୁଜୀ, ପ୍ରମୋଦ ଗୁରୁଜୀ ଓ ଗଗନ ଗୁରୁଜୀ ସହଯୋଗ କରିଥିଲେ।



# ଦେଭୂଇଁ ଗ୍ରାମରେ ଦ୍ୱାଦଶୀ ମେଳଣ

**କଣିହାଁ, ୨୨।୩(ସମିସ):** କଣିହା ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ଦେଭୂଇଁ ଗ୍ରାମରେ ଗୁରୁବାର ରାଧାକୃଷ୍ଣଙ୍କ ମେଳଣ ଉତ୍ସବ ପାଳିତ ହୋଇଯାଇଛି। ସକାଳ ୯ଟାରେ କଳସ ଯାତ୍ରା, ମଧ୍ୟାହ୍ନରେ ହୋମଯଜ୍ଞ, ଅପରାହ୍ନରେ ପୂର୍ଣ୍ଣାହୁତି ସହିତ ଅନନ୍ୟା କର୍ମ ସମ୍ପୂର୍ଣ୍ଣ ହୋଇଥିଲା। ରାତ୍ରି ୯ଟାରେ ପଟୁଆର ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ବିମାନ ଗ୍ରାମ ପରିକ୍ରମା କରିଥିଲେ। ଗୋପାଳ ଉଗାଳ ସୁରେ ଲଉଡ଼ି ଖେଳ, ବାଜାବାଣରେ ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ରାତ୍ରିରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ନାଟକ ପରିବେଷଣ ହୋଇଥିଲା। ଶୁକ୍ରବାର ସକାଳେ ଓଡ଼ିଶୀ ନାମ ସଂକୀର୍ତ୍ତନକୁ ନେଇ ଯାତ୍ରା ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଆଖପାଖ ଗ୍ରାମର ୮ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ହରିନାମ ପରିବେଷଣ କରିବାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଦେଶୀମଦ ଜବତ; ୨ ଗିରଫ

**ବଇଣ୍ଡା, ୨୨।୩(ସମିସ):** ହଣ୍ଡପା ପୁଲିସ ଗୁରୁବାର ବାଲିଆମ୍ବ ଗ୍ରାମରେ ଚଢ଼ଉ କରି ଜ୍ୟୋତ୍ସ୍ନା ପ୍ରଧାନଙ୍କ ଘରୁ ୧୮ ଲିଟର ଚୋରା ଦେଶୀମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ପୁଲିସ ଚଢଉ କରି ତାକୁ ଗିରଫ କରିଥିଲା। ସେହିପରି ଠାକୁରଗଡ଼ ପୁଲିସ ବନ୍ଧୁଲ ଗ୍ରାମରେ ଚଢ଼ଉ କରି ସେବତୀ ବେହେରାଙ୍କ ଘରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି।

# ଭାଜପାର ନାରୀ ଶକ୍ତି ବନ୍ଦନ ଯାତ୍ରା

**କିଶୋରନଗର, ୨୨।୩(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପରିସରରେ ଠାକୁରଗଡ଼ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନଙ୍କୁ ନେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଏଡ଼ା ମଣ୍ଡଳ ପ୍ରଭାରି ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଜ୍ୟାତିଶରାୟ, ପ୍ରବୀଣ ସାହୁ, ଗଗନ ବାରିକ, ପରେଶ ଦେଓ, ଯୋଗେଶ ସାହୁ, ପ୍ରକାଶ ଜେନା, ଲିଟୁ ସାହୁ, କୈବଲ୍ୟ ସାହୁ, ଅବନୀ ପ୍ରଧାନ, ପିନା ପାଣିଗ୍ରାହୀ, ନାରୀ ନେତ୍ରୀ ପଙ୍କଜିନୀ ମୁଣ୍ଡା, ସରୋଜିନୀ ପ୍ରଧାନ ଯୋଗ ଦେଇଥିଲେ।

# ପୌର କାର୍ଯ୍ୟାଳୟ ଘେରଉ

**ଢେଙ୍କନାଳ, ୨୨।୩ (ସମିସ):** ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରଉ କରାଯାଇଛି। ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଓ ସଭ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ପୌର କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଙ୍ଗଠନର ସହର ମଧ୍ୟରେ ଥିବା ଏକ କାର୍ଯ୍ୟାଳୟକୁ ବେନିୟମ ଭାବେ ଭାଙ୍ଗି ଦିଆଯାଇଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସେମାନେ ପୌରଅଧିକାରୀ ଓ ପୌରଧ୍ୟକ୍ଷାଙ୍କ ସହିତ ଆଲୋଚନା କରିଥିଲେ। ଯଦି ଉଚିତ୍ ପଦକ୍ଷେପ ନିଆନଯାଏ ତେବେ ସେମାନେ ଆନ୍ଦୋଳନମ୍‌କ ପନ୍ଥା ଗ୍ରହଣ କରିବେ ବୋଲି ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି।

## ଦୁଃଖୀଙ୍କ ଦୁଃଖ ପଥର ତଳେ

# ସହାୟତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, ୨୨।୩ (ସମିସ)



ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଘୋଡ଼ାଡିଆଁ ଗ୍ରାମର ଦୁଃଖୀ ନାୟକଙ୍କ ଦୁଃଖକୁ କିଏ ବୁଝିବ। ତାଙ୍କ ଜୀବନ ଏବେ ପଥର ତଳେ ପଡ଼ିରହିଛି। ମୁଣ୍ଡ ଗୁଞ୍ଜିବାକୁ ନା ଅଛି ଘର ଖଣ୍ଡେ ନା ମିଳୁଛି ଭତ୍ତା କି କୌଣସି ସୁବିଧା। ବାରମ୍ବାର ସରପଞ୍ଚଙ୍କଠାରୁ ନେଇ ବ୍ଲକ ପ୍ରଶାସନ ଗୁହାରୀ ପରେ ବି କେହି କର୍ଣ୍ଣପାତ କରିଲେନାହିଁ। ଦୁଃଖୀ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଓଡାପଡ଼ା ବ୍ଲକ ଘୋଡାଡିଆଁ ଗାଁର ଦୁଃଖୀ ନାୟକଙ୍କ ଅଣ୍ଟା ନଇଁ ଗଲାଣି। ଚମ ଧୁଡୁଧୁଡୁ ହୋଇଗଲାଣି। ଶରୀରରେ ଆଉ ସେ ଜୋର ବି ନାହିଁ। ତଥାପି ନିଜର ହକ ପାଇଁ ଲଢ଼େଇ କରୁଛନ୍ତି। ଆଶା ବି ରଖିଛନ୍ତି ସରକାର ତାଙ୍କ ଦୁଃଖ ନିଶ୍ଚୟ ଶୁଣିବେ। ସେଥିପାଇଁ ତ ଘଷୁରି ଘୁଷୁରି ନିଜ ହକ ମାଗିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୁଃଖୀ ନାୟକ। ବୟସ ମାତ୍ର ୫୧। ତାଙ୍କୁ ଦେଖିଲେ ଲାଗୁଛି ସତେ ଯେମିତି ତାଙ୍କ ଉପରେ ମାଡ଼ି ବସିଛି ଦୁଃଖର ପାହାଡ଼। ଯେଉଁଥି ପାଇଁ ୫୧ ବର୍ଷ ବୟସରେ ୮୧ ବର୍ଷୀୟ ଜଣେ ପରିଣତ ବୟସର ବୃଦ୍ଧା ମହିଳାଙ୍କ ଭଳି ଲାଗୁଛନ୍ତି। ପୂର୍ବରୁ ହାତଗୋଡ଼ ଚାଲୁଥିବା ସମୟରେ ମାଗି ଯାଚି ଯାହା ଯେମିତି ଚଳି ଯାଉଥିଲେ। ହେଲେ କିଛି ବର୍ଷ ହେବ ଅଜଣା ରୋଗରେ ପଡ଼ି ଯିବାରୁ ପେଟକୁ ଦାନା ଗଣ୍ଡେ ବି ଠିକ ସେ ଯୋଗାଡ଼ କରି ପାରୁନାହାନ୍ତି। ଦୁଃଖୀଙ୍କ ସବୁଠାରୁ ବଡ଼ ଦୁଃଖ ହେଉଛି ମୁଣ୍ଡ ଗୁଞ୍ଜିବାକୁ ତାଙ୍କ ପାଖରେ ଘର ଟିଏ ନାହିଁ। ବାରମ୍ବାର ଏନେଇ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନଥିବା ସେ କହିଛନ୍ତି। ଶେଷରେ ନିଜର ଦୁଃଖକୁ ଜିଲ୍ଲାପାଳଙ୍କୁ ଜଣାଇବାକୁ ଆସିଥିଲେ। ତାଙ୍କୁ କେବଳ ପାଞ୍ଚକିଲୋ ଚାଉଳକୁ ଛାଡିଦେଲେ ଅନ୍ୟ କୌଣସି ସରକାରୀ ସହାୟତା ମିଳୁନଥିବା ଅଭିଯୋଗ କରିଛନ୍ତି। ଦୁଃଖୀଙ୍କ ସ୍ୱାମୀ ମହର୍ଗ ନାୟକ ପୂର୍ବରୁ ମୁଲ ମଜୁରୀ କରି ଯାହା ଦୁଇ ପଇସା ରୋଜଗାର କରୁଥିଲେ ସେଥିରେ ସ୍ୱାମୀ ସ୍ତ୍ରୀଙ୍କ ତେଲ ଲୁଣର ସଂସାର ଅଳ୍ପ ବହୁତେ ଚଳି ଯାଉଥିଲା। କିନ୍ତୁ କିଛି ବର୍ଷ ହେବ ସେ ମଧ୍ୟ ରୋଗରେ ପୀଡ଼ିତ। ତାଙ୍କର ବେକରେ ସମସ୍ୟା ଥିବାରୁ ସେ ଚଳପ୍ରଚଳ କରି ପାରୁନଥିବା କହିଛନ୍ତି। ଆଉ ଏଭଳି ପରିସ୍ଥିତିରେ ବେସାହାରା ହୋଇ ପଡ଼ିଥିବା ଉଭୟ ସ୍ୱାମୀ ସ୍ତ୍ରୀଙ୍କ ପାଇଁ ସାହା ହେବାକୁ କେହି ନାହାଁନ୍ତି। ସବୁଆଡୁ ନିରାଶା ହେବା ପରେ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ସରକାର ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ସହ ଭତ୍ତା ଓ ହ୍ୱିଲ ଚେୟାର ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# 'ଷ୍ଟେପ୍ସ' ପକ୍ଷରୁ ଉତ୍ସର୍ଗୀକୃତ କାର୍ଯ୍ୟ

**ଡେରା, ୨୨।୩(ସମିସ):** ନିଶା ଭଳି କୁଅଭ୍ୟାସକୁ ପରିତ୍ୟାଗ କରିବାକୁ ସଙ୍କଳ୍ପ ନେଉଥିବା ଲୋକମାନଙ୍କ ପାଇଁ ସହଯୋଗର ହାତ ବଢ଼ାଉଛି, ଅଗ୍ରଣୀ ନିଶା ନିବାରଣ ଅନୁଷ୍ଠାନ 'ଷ୍ଟେପ୍ସ'। 'ଷ୍ଟେପ୍ସ' ଅନୁଷ୍ଠାନ ଭୁବନେଶ୍ୱରରେ ଏହାର ପ୍ରଥମ କାର୍ଯ୍ୟାଳୟ ଆରମ୍ଭ କରିବା ପରେ ବର୍ତ୍ତମାନ ତାଳଚେରର ବାଘୁଆବୋଲ ଶିବ ମନ୍ଦିର ନିକଟରେ ଖୋଲିଛି ଏହାର ଦ୍ୱିତୀୟ ଶାଖା କାର୍ଯ୍ୟାଳୟ। ଏହି ଅନୁଷ୍ଠାନର ପ୍ରତିଷ୍ଠାତା ହେଉଛନ୍ତି ପ୍ରଶାନ୍ତ ଦାସ। ନିଶାଦ୍ରବ୍ୟ ଖାଇ ନିଜର, ପରିବାର ତଥା ସମାଜରେ ଅଦରକାରୀ ପାଲଟି ଯାଉଥିବା ପଥଭ୍ରଷ୍ଟ ଲୋକଙ୍କୁ ପୁଣିଥରେ ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ୨୦୧୬ ମସିହାରୁ ଏହି ସଙ୍ଗଠନ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି। ତେବେ ନିଶାଖୋରଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରଖିବା ଏତେ ସହଜସାଧ୍ୟ ନ ହେଲେ ମଧ୍ୟ ସେମାନଙ୍କ ପରିବାରର ଅନୁମତି କ୍ରମେ ଉପଯୁକ୍ତ କାଉନସେଲିଂ, ଧ୍ୟାନ, ପ୍ରାଣାୟମ, ଡାକ୍ତରୀ ପରାମର୍ଶ ଏବଂ ଉପଯୁକ୍ତ ଚିକିତ୍ସା ମାଧ୍ୟମରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ସେବା ଯୋଗାଇ ମାନସିକ ସ୍ତରକୁ ପରିବର୍ତ୍ତନ କରିବାରେ ଅନେକାଂଶରେ ସଫଳ ହୋଇପାରିଛି ଏହି ଅନୁଷ୍ଠାନ। ଉକ୍ତ ଅନୁଷ୍ଠାନରେ ସୀମିତ ରହଣି ମଧ୍ୟରେ ଅନେକ ନିଶାଖୋର ବ୍ୟକ୍ତି ବିଶେଷ କରି ଯୁବବର୍ଗ ନିଶା ଛାଡିବା ସହ ପୁଣି ଥରେ ନିଶାମୁକ୍ତ ଜୀବନ ଆରମ୍ଭ କରିବାରେ ସଫଳ ହୋଇଛନ୍ତି। ତେବେ ତାଳଚେର ସମେତ ଅନୁଗୋଳ ଏବଂ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ଅଭ୍ୟାସଗତ ନିଶାଖୋର ବ୍ୟକ୍ତି ବହୁ ସଂଖ୍ୟାରେ ରହିଥିବା ବେଳେ ସେମାନଙ୍କର କୁଅଭ୍ୟାସକୁ ଛଡ଼ାଇବା ପାଇଁ 'ଷ୍ଟେପ୍ସ' ଅନୁଷ୍ଠାନର ଏହି ନୂତନ ଶାଖା ବରଦାନ ସାବ୍ୟସ୍ତ ହେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଦାସ ଆଶାବ୍ୟକ୍ତ କରିଛନ୍ତି।



ସକାଳ THE SAKALA



# ଷ୍ଟାଡିୟମରେ ଚରୁଛନ୍ତି ଗୋରୁ, ଜମୁଛି ଅସାମାଜିକଙ୍କ ଆଡ୍ଡା

କେନ୍ଦ୍ରାପଡ଼ା, ୨୨।୩(ସମିସ): ଷ୍ଟାଡିୟମ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି। ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇ ଷ୍ଟାଡିୟମ ନିର୍ମାଣ କଲେ। ହେଲେ ତାହାର ସଠିକ ପରିଚାଳନା ହୋଇନପାରିବାରୁ ଏହା ଏବେ ଅସାମାଜିକଙ୍କ ଆଡାସ୍ଥଳୀ ସାଜିଛି। ଖେଳ ଏବଂ ଖେଳାଳିଙ୍କ ପ୍ରତି ପ୍ରଶାସନର ଇଏ କି ପ୍ରକାରର ଚିନ୍ତା ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି। ୧୯୯୩ ମଇ ୧୦ ତାରିଖରେ ଷ୍ଟାଡିୟମର ଶିଳାନ୍ୟାସ ହୋଇଥିଲା। ୨୦୦୮ ଫେବୃୟାରୀ ୧୭ରେ ଉଦଘାଟନ ହୋଇଥିବା ଷ୍ଟାଡିୟମର ଆଜକୁ ୧୬ ବର୍ଷ ହେବ ଗୋଟେ ବି ଖେଳ କି ପ୍ରତିଯୋଗିତା ହୋଇପାରିଲାନାହିଁ। ଏଠାକୁ ଯିବାକୁ ରାସ୍ତା ସମସ୍ୟା ରହିଥିବା ବେଳେ ଓ ପ୍ରୋତ୍ସାହନ ଅବହେଳାରୁ ମୁଖ୍ୟ ସମସ୍ୟା ହୋଇଛି। ପ୍ରଶାସନର ଆନ୍ତରିକତା ଅଭାବ ହେତୁ ଷ୍ଟାଡିୟମ ଅସାମାଜିକ ଯୁବକଙ୍କ ଆଡାସ୍ଥଳୀ ପାଲଟିଛି। କେନ୍ଦ୍ରାପଡ଼ା ଜିଲାର କ୍ରୀଡ଼ା ପ୍ରତିଭା ଦେଶ ବିଦେଶରେ ନିଜର ପାରଦର୍ଶିତା ଦେଖାଇଆସୁଛନ୍ତି। ସେ ଫୁଟବଲ ହେଉ କି ଆଥଲେଟିକ, ପ୍ରତ୍ୟେକ ଖେଳରେ ମନୋନିବେଶ ଏହି ଜିଲ୍ଲାର କ୍ରୀଡ଼ାପ୍ରେମୀ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖାଯାଇ ସହରର ସାରଙ୍ଗଠାରେ ୯ ଏକର ଜମିରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ ୧୯୯୩ ମଇ ୧୦ରେ ଶିଳାନ୍ୟାସ ହୋଇଥିଲା। ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମରେ କ୍ରିକେଟ, ଭଲିବଲ, ଫୁଟବଲ, କବାଡି, ଆଥଲେଟିକ, ବାସ୍କେଟବଲ, ଖୋଖୋ ଖେଳ ପାଇଁ ଉପଯୁକ୍ତ ଭିତ୍ତିଭୂମି ହୋଇଥିଲା। ଏପରି କି ଏଠାରେ ଭଲିବଲ, ଫୁଟବଲ, ଆଥେଲେଟିକ ଟ୍ରାକ ରହିବା ସହିତ ଏହି ଷ୍ଟାଡିୟମରେ ପ୍ରାୟ ୨ ହଜାର ଦର୍ଶକଙ୍କ ପାଇଁ ଗ୍ୟାଲେରି ନିର୍ମାଣ ହୋଇଛି। ସେହିପରି ଖେଳାଳି ଓ ଖେଳ ସରଞ୍ଜାମ ପାଇଁ ଗୃହ ମଧ୍ୟ ନିର୍ମାଣ ହୋଇଛି। ୨୦୦୮ ଫେବୃୟାରୀ ୧୭ରେ ତତ୍କାଳୀନ ପୂର୍ତ୍ତ ଗୃହ ନିର୍ମାଣ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ତେବେ ଏହି ଷ୍ଟାଡିୟମ ପାଇଁ ଉପଯୁକ୍ତ ରାସ୍ତା, ବିଦ୍ୟୁତ, ପାନୀୟ ଜଳ ଆଦିର ସୁବନ୍ଦୋବସ୍ତ ହୋଇ ପାରି ନ ଥିବାରୁ ଦୀର୍ଘ ୧୬ ବର୍ଷ ଧରି ଅବହେଳିତ ଭାବେ ପଡ଼ିରହିଛି। କେନ୍ଦ୍ରାପଡ଼ାର ଦୌଡରାଣୀ ଲିଜା ବେହେରା କ୍ରୀଡ଼ା ହଷ୍ଟେଲରୁ ଘରକୁ ଆସିଲେ ଦୌଡ ଅଭ୍ୟାସକୁ ରାସ୍ତାରେ ଜାରି ରଖିଛନ୍ତି। ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତର ୩ ମହିଳା ଖେଳାଳୀ ସସ୍ମିତା ସେନାପତି, ସ୍ୱାତିରୂପା ମଲ୍ଲିକ ଓ ଲକ୍ଷ୍ମୀପ୍ରିୟା ବେହେରା କ୍ରିକେଟ ପାଇଁ ନୂଆ ଚେହେରା ହୋଇଛନ୍ତି। ଆଲି ଫୁଟବଲ ଟିମ୍ ସଦସ୍ୟ ଜାତୀୟ ଆର୍ନ୍ତଜାତୀୟ ସ୍ତରରେ ଖେଳାଳୀ ମଧ୍ୟ ରହିଛନ୍ତି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମୀ ଦୁର୍ବଳ ଥିବାରୁ ବହୁ ପ୍ରତିଭା ବିକଶିତ ହୋଇପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଜିଲ୍ଲାର ଏହିପରି ପ୍ରତିଭାଙ୍କ କ୍ରୀଡ଼ା ଜଗତରେ ନିଜର ଦକ୍ଷତା ପ୍ରତିପାଦନ ପାଇଁ ଅପେକ୍ଷା ଥିବା ବେଳେ ଏନେଇ ପ୍ରଶାସନର ନଜର ରହୁନାହିଁ। ଏପରି ପ୍ରତିଭାକୁ ବିକଶିତ ପାଇଁ ସହରର ସାରଙ୍ଗ ଠାରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମ ଏବେ ଅସାମାଜିକଙ୍କ ଆଡସ୍ଥଳୀ ପାଲଟିଛି। ଏଠାରେ ଘସି ଗୋବର ଶୁଖା ଯାଉଥିବା ବେଳେ ଧାନ ଅମଳ ଖଳା ଭାବେ ବ୍ୟବହୃତ କରାଯାଉଛି। କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମ ଏବେ ଅସାମାଜିକ ଯୁବକଙ୍କ ଆଡାସ୍ଥଳୀ ପାଲଟିଛି। ଯୁବକମାନେ ଏଠାରେ ନିଶାଦ୍ରବ୍ୟ ଖାଇ ଅପରାଧିକ କାର୍ଯ୍ୟ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଷ୍ଟାଡିୟମକୁ ନେଇ ଜିଲ୍ଲାର ନୂଆ ନୂଆ ପ୍ରତିଭା ସୃଷ୍ଟି କରିବା ସହ ଅସାମାଜିକଙ୍କୁ ହଟେଇବାକୁ ସାଧାରଣ ଦାବି ହେଉଛି।





## ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ

ଡେରାବିଶ, ୨୨।୩(ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅବସରରେ ସାରସ୍ୱତ ସଂଘ ଆନୁକୂଲ୍ୟରେ ଏକ ସଂଘାଧିବେଶନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କିଶୋର ଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ଠାକୁର ନିଗମାନନ୍ଦଙ୍କ ଗୃହାସନ ପ୍ରତିଷ୍ଠା ପାଳନ ଅବସରରେ ଆୟୋଜିତ ସଂଘାଧିବେଶନରେ ସଂଘ ସଭାପତି ଡାକ୍ତର ନୃସିଂହ ଚରଣ ମହାନ୍ତି ପୌରୋହିତ୍ୟ କରିଥିଲେ। ପବିତ୍ର ଗୁଦଶମୀ ତିଥିରେ ଆୟୋଜିତ ଏହି ଉତ୍ସବର ପୂର୍ବଦିନ ସନ୍ଧ୍ୟାରେ ନିଗମନଗର ସଂଘ ମନ୍ଦିରରୁ ଠାକୁର ନିଗମାନନ୍ଦ ଦେବଙ୍କୁ ସଂକୀର୍ତ୍ତନ କରାଯାଇ ଅଧିବେଶନ ସ୍ଥଳକୁ ନିଆଯାଇଥିଲା। ଦଶମୀ ତିଥିର ବ୍ରାହ୍ମ ମୁହୂର୍ତ୍ତରୁ ପ୍ରଭାତୀ କୀର୍ତ୍ତନ, ପ୍ରତିଷ୍ଠାଗାନ କରାଯାଇ ଠାକୁରଙ୍କୁ ସୁସଜ୍ଜିତ ମଣ୍ଡପରେ ଅବସ୍ଥାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆରତୀ, ସ୍ତୋତ୍ର ବନ୍ଦନା, ଶ୍ରୀଗୁରୁଗୀତା, ଭଗବତ ଗୀତା ଆଦି ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଦଗ୍ରନ୍ଥ ପାଠ ସହିତ ଉପସ୍ଥିତ ସଂଘର ଶ୍ରଦ୍ଧାଳୁମାନେ ଭକ୍ତି ସଙ୍ଗିତ ପରିବେଷଣ କରିଥିଲେ। ସନ୍ଧ୍ୟା ପୂଜା ଆରତୀ ପରେ ଠାକୁରଙ୍କୁ ନିଗମନଗରସ୍ଥିତ ମନ୍ଦିରକୁ ଅଣାଯାଇଥିଲା। ଏହି ଉତ୍ସବରେ ପଣ୍ଡିତ ଶ୍ରୀକାନ୍ତ କୁମାର ପଣ୍ଡା, ରାଜେନ୍ଦ୍ର ସିଂ, ଦାସରଥି ଷଣ୍ଢ, ରଘୁନାଥ ଦାସଙ୍କ ସମେତ ବିଭିନ୍ନ ସଂଘ ଶାଖାରୁ ଅନେକ ସଂଘସେବୀ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ମହାନ୍ତି, ସୁଧୀର ରଞ୍ଜନ ମହାନ୍ତି, ଦେବେନ୍ଦ୍ର ଦାସ, ଅଭିମନ୍ୟୁ ବେହେରା, ବ୍ରଜବନ୍ଧୁ ଦାସ, ହୃଷିକେଶ ସାହୁ, ଦିଲ୍ଲୀପ ମହାନ୍ତି, ରଞ୍ଜନ ବେହେରା, ଦିବ୍ୟଜ୍ୟୋତି ମହାନ୍ତି, ସୁବୁଦ୍ଧି ମହାନ୍ତି, ରାଜେନ୍ଦ୍ର ଦାସ, ଦିବ୍ୟଜ୍ୟୋତି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା ସଦସ୍ୟ ସ୍ମାରକ ମହାନ୍ତି ପରିଚାଳନା କରିଥିଲେ।



## ବିଶ୍ୱ ଜଙ୍ଗଲ ଦିବସ ପାଳିତ




ଗରଦପୁର, ୨୨।୩(ସମିସ): ଗରଦପୁର ବ୍ଲକ ପାଖଡ଼ ଗ୍ରାମସ୍ଥିତ ଦିବ୍ୟଶକ୍ତି ଟ୍ରଷ୍ଟ ତରଫରୁ ପାଖଡ଼ଠାରେ ବିଶ୍ୱ ଜଙ୍ଗଲ ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଦ୍ୱାରିକାନାଥ ସେନାପତି ଅଧ୍ୟକ୍ଷତା କରିଥିଲେ। ଜଙ୍ଗଲର ସୁରକ୍ଷା ଓ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ଶିକ୍ଷକ ବିମଳ ପ୍ରସାଦ ଜେନା, ନୃସିଂହ ଚରଣ ବିଶ୍ୱାଳ, ଚାରୁଚନ୍ଦ୍ର ସେନାପତି, ଗଙ୍गାରାମ ଦାଶ, ଉତ୍ତମ ଚରଣ ବେହେରା, ରବୀନ୍ଦ୍ରନାଥ ପଣ୍ଡା, ସ୍ୱାଧୀନ ସେନାପତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋମନାଥ ସେନାପତି, ରଶ୍ମି ରଞ୍ଜନ ବାରିକ, ଆଶୁତୋଷ ସେନାପତି ସମେତ କୋଡିଏ ଜଣ ଛାତ୍ରଙ୍କୁ ଆକାଶିଆ ଚାରା ଗଛ ବଣ୍ଟନ କରାଯାଇଥିଲା।

## ମୈନାକ ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ପାରାଦୀପ, ୨୨।୩ (ସମିସ): ପାରାଦୀପ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଆଜି ବିଶ୍ୱ କବିତା ଦିବସ ପାଳନ କରାଯାଇଛି।ଏହି ଅବସରରେ ଏକ ମନୋଜ୍ଞ କବିତା ଆସର ପାରାଦ୍ୱୀପ ସାକ୍ଷରତା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ସାକ୍ଷରତା ସମିତିର ସଂଯୋଜକ କବି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କମ୍ରେଡ଼ ବାବୁରାର ଚୌଧୁରୀ, ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର ଯୋଗ ଦେଇ ବିଶ୍ୱ କବିତା ଦିବସ ସମ୍ପର୍କରେ ଆଲୋଚନା




କରିଥିଲେ। ପରେ କବି ତୁଳସୀ ବରାଳଙ୍କ ସଂଯୋଜନାରେ ଋତୁରାଜ ବସନ୍ତ ଆସିଛି ଶୀର୍ଷକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ କବୀ ଆରତୀ ଦାଶ, ନଳିନୀ ପ୍ରଭା ସାହୁ, ପ୍ରେମଲତା ବାରିକ, ଧରିତ୍ରୀ ସାମଲ, ମୀରାଙ୍ଗିନି ଦେଇ, ଟୁନି ଖୋଜି, କବି ସଞ୍ଜୀବ କୁମାର ଦାଶ, ରଞ୍ଜିତ କୁମାର ଦାସ ଓ ସରୋଜିନୀ ସାହୁ ସମେତ ଅନେକ କବି ଉପସ୍ଥିତ ରହି ନିଜର କବିତା ପାଠ କରିଥିଲେ।ଶେଷରେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପକ୍ଷରୁ ଆଚରଣବିଧି ଯାଞ୍ଚ




ରାଜକନିକା, ୨୨।୩(ସମିସ): ଦେଶରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ରାଜକନିକା ପୁଲିସ ଏସବୁକୁ କଡାକଡି ପାଳନ ପାଇଁ ଉଦ୍ୟମ କରିଛି। ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସମସ୍ତ ଆକର୍ଷଣୀୟ ଯୋଜନାର ଫ୍ଲେକ୍ସ, ବୋର୍ଡ, ବ୍ୟାନର, ହୋର୍ଡିଙ୍ଗ ଆଦିକୁ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କଳାପଟି ଲଗାଯାଇଥିବାବେଳେ ଆଜି କଣ୍ଟପଡ଼ା ବଜାରରେ ପୁଲିସ ଟିମ ବିଭିନ୍ନ ଜାଗାରେ ଲାଗିଥିବା ଦଳୀୟ ପତାକା, ବ୍ୟାନର, ଶୁଭେଚ୍ଛା ବାର୍ତ୍ତାକୁ ହଟାଇଥିବା ଦେଖାଯାଇଥିଲା। ତେବେ କେବଳ ସଦର ଅଞ୍ଚଳରେ ପୁଲିସ ଘନ ଘନ ଏଭଳି ଆଚରଣବିଧିକୁ ତଦାରଖ କରୁଥିବା ବେଳେ ଗାଁ ଗହଳିରେ ଶହ ଶହ ସଂଖ୍ୟାରେ ବ୍ୟାନର, ପତାକା ଆଦି ଏବେ ବି ରହିଛି।

## କେମ୍ ପକ୍ଷରୁ ବିଶ୍ୱ କବିତା ଦିବସ



କେନ୍ଦ୍ରାପଡ଼ା, ୨୨।୩(ସମିସ): କବିତା ସବୁ କାଳରେ ମଣିଷ ଭାବନାର ସୁଖ ଅଭିବ୍ୟକ୍ତିର ପ୍ରମୁଖ ମାଧ୍ୟମ ରୂପେ ବିବେଚିତ ହୋଇଆସେ। କଳା ସଂସ୍କୃତି ଓ ବୌଦ୍ଧିକତା ପାଇଁ କାର୍ଯ୍ୟରତ ସାଂସ୍କୃତିକ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରସ ପକ୍ଷରୁ ମାଧପୁର ସ୍ଥିତ ପୁନର୍ବାସ କାର୍ଯ୍ୟାଳୟ ପରିସରରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ପ୍ରଶାସକ ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କବି କମଳ କୁମାର ମହାନ୍ତି ଓ କବି ନିରାକାର ଦାସ ଅତିଥି ଭାବେ ଯୋଗଦେଇ କବିତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ରୀଧର ସାମଲ, ଅକ୍ଷୟ ନାୟକ, ପ୍ରମୋଦ ସିଂ, ଯତିନ୍ଦ୍ର ରାଉତ, ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ. ନଳିନୀ ବେହେରା, ସୁନନ୍ଦା ପ୍ରଧାନ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ଲକ୍ଷ୍ମୀପ୍ରିୟା ମାଇତି, ମାତୃଦତ୍ତ ମହାନ୍ତି, ଗୋଲାପି ରାଉତ ଯୀଶୁକୃଷ୍ଣ ଦାସ, ରଞ୍ଜନ ବାଇ, ମନ୍ମଥ, ବରାଳ, ବିକାଶୀ ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜନିଜ କବିତା ଆବୃତ୍ତି କରିବା ସହ କବିତାକୁ ନେଇ ନିଜସ୍ୱ ଭାବନା ବ୍ୟକ୍ତ କରିଥିଲେ। ବିଶିଷ୍ଟ ଲେଖକ ତପନ କୁମାର ପତି, ସମାଜସେବୀ ବଂଶୀଧର ମହାନ୍ତି, ଶେଷଦେବ ପ୍ରସାଦ ଦାସ, ବିଜୟ କୁମାର ବେହେରା ପ୍ରମୁଖ ଶ୍ରୋତା ଭାବେ ଯୋଗଦେଇ ନିମନ୍ତ୍ରିତ କବିମାନଙ୍କୁ ଉତ୍ସାହିତ କରିଥିଲେ। ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ, ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି ମାନେ କବିତା ପାଠ କରିଥିଲେ।

## ଛାତ୍ରାବାସରୁ ୫ ଛାତ୍ର ନିଖୋଜ ଅଭିଯୋଗ

ମାର୍ଶାଘାଇ, ୨୨।୩(ସମିସ): ମାର୍ଶାଘାଇ ଅଞ୍ଚଳର ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରାବାସରେ ରହି ପଢୁଥିବା ପ୍ରଥମବର୍ଷ ଛାତ୍ର ଶୁଭମ୍ ଗତ ଗୁରୁବାର ରାତିରୁ କେଉଁଆଡେ ପଳାଇଯାଇଛନ୍ତି। ତାଙ୍କ ସହିତ ଅନ୍ୟ ୪ଜଣ ଛାତ୍ରାବାସ ଛାଡି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମାର୍ଶାଘାଇ ପୁଲିସ ନିକଟରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅରଡପଲ୍ଲୀର ଦିଲ୍ଲୀପ କୁମାର ସାହୁ ମାର୍ଶାଘାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ଶୁଭମ (୧୭) ଉକ୍ତ ଯାନ୍ତ୍ରିକ ବିଦ୍ୟାଳୟରେ ପାଠ ପଢୁଥିଲେ। ପୁଅ କେଉଁଆଡେ ଚାଲିଯିବା ଖବର ପାଇ ଉକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ଏନେଇ ପୁଲିସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ନଉଠାଇବାରୁ କୌଣସି ସୂଚନା ମିଳିନାହିଁ।

## ଦାମ ରାଉତଙ୍କୁ ପାରାଦୀପରେ ଶେଷ ଶ୍ରଦ୍ଧାଞ୍ଜଳି

ପାରାଦୀପ, ୨୨।୩(ସମିସ): ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ରାଜନୀତିଜ୍ଞ ଡଃ ଦାମୋଦର ରାଉତ ଙ୍କ ବିୟୋଗରେ ସାରା ଓଡ଼ିଶା ସମେତ ପାରାଦୀପ ନିର୍ବାଚନ ମଣ୍ଡଳୀ, ବିଶେଷକରି ବନ୍ଦର ସହର ପାରାଦୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ସକାଳୁ ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ପାରାଦୀପ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା। ପାରାଦୀପ ବାସୀ ଜଣେ ମୁରବୀକୁ ସବୁଦିନ ପାଇଁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ।୧୯୭୭ ମସିହାରେ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଥିବା ଡଃ ରାଉତ ବିଧାନସଭା ନିର୍ବାଚନରେ ୭ ଥର ନିର୍ବାଚିତ ହୋଇ ଓଡ଼ିଶା ମନ୍ତ୍ରିମଣ୍ଡଳର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦରେ ରହି ସଫଳତାର ସହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଜି ତାଙ୍କ ପାର୍ଥିବ ଶରୀରକୁ ତାଙ୍କ ସରକାରୀ ବାସଭବନ, ବିଧାନସଭା, ଶଙ୍ଖ ଭବନ ଆଦି ବିଭିନ୍ନ ସ୍ଥାନକୁ ନିଆଯାଇ ଶେଷ ଦର୍ଶନର ସୁଯୋଗ ଦିଆଯାଇଥିଲା। ଅପରାହ୍ଣ ୩.୩୦ ସମୟରେ ଡଃ ରାଉତଙ୍କ ପାର୍ଥିବ ଶରୀର ପାରାଦୀପ ଭୁତମୁଣ୍ଡାଇ, ନୂଆଗଡ଼, ଦୋଛକି, ଅଠରବାଙ୍କୀ ଓ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ରଖାଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ଦଳ ବଳ ନିର୍ବିଶେଷରେ ଶହ ଶହ ଶୁଭେଚ୍ଛୁ, ବିଜୁ ଜନତା ଦଳର କର୍ମୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମାନେ ପହଞ୍ଚିଥିଲେ। ବଡ଼ପଡ଼ିଆ ବଣିକ ସଂଘ ନିକଟରେ ପହଞ୍ଚିବା ପରେ ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ଓ ବ୍ୟବସାୟୀ ଶେଷ ଦର୍ଶନ କରିଥିଲେ। ଏହା ବ୍ୟତୀତ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୁମରବର ନାୟକ, ଜ୍ୟୋତିକାନ୍ତ ପରିଡ଼ା, ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ରଶ୍ମିରଞ୍ଜନ ପରିଡ଼ା, ଆଲୋକ ମହାପାତ୍ର, ଗଙ୍ଗାଧର ଜେନା, ଲକ୍ଷ୍ମୀଧର ମହାନ୍ତି, ଛଇଳ ଚନ୍ଦ୍ର ଜେନା, ମାୟାଧର ନାୟକ, ଶଙ୍କର ପ୍ରସାଦ ରାଉତ, ସବିତା ମହାପାତ୍ର, ଚପଳା ସ୍ୱାଇଁ, ନଳିନୀ ସାହୁ, ପ୍ରଭାତୀ ପରିଡ଼ା, ନଗେନ୍ଦ୍ର ସ୍ୱାଇଁ, ରାକେଶ ପଟ୍ଟନାୟକ, ବିଜେପି ନେତା ସୁବ୍ରତ ପ୍ରଧାନ, ସର୍ବେଶ୍ୱର ବଳିଆରସିଂ, ଚିନ୍ମୟ ପରିଡ଼ା, ରାଜା ଭୂୟାଁଙ୍କ ସମେତ ବହୁ ବିଜେଡି ନେତା ତାଙ୍କ ଶେଷ ଦର୍ଶନ କରିଥିଲେ। ତା ପରେ ତାଙ୍କର ମରଶରୀରକୁ ଏରସମା ଓ ନିଜ ଗାଁ ଜନ୍ମ ମାଟିକୁ ନିଆଯାଇଥିଲା। ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ କରାଯିବ ବୋଲି ଜଣାପଡ଼ିଛି।



## ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ହେଲେ ବିପ୍ଳବ ଚୌଧୁରୀ

ଜଗତସିଂହପୁର, ୨୨।୩(ସମିସ): ଜଗତସିଂହପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏଥିପାଇଁ ଶ୍ରୀ ଚୌଧୁରୀ ଅଖିଳଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ପୂର୍ବତନ ସଭାପତି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଂଗଠନ) କେ.ସି. ବେନୁଗୋପାଳ, ପ୍ରଦେଶ କଂଗ୍ରେସ



ସଭାପତି ଶରତ ପଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ଚୌଧୁରୀ ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ପୌର ପରିଷଦର ଅଧ୍ୟକ୍ଷ, ପ୍ରଦେଶ କଂଗ୍ରେସ ପକ୍ଷରୁ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରମୁଖ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଛନ୍ତି।

# ସିଙ୍ଗଲ ଟିଚର୍ ସ୍କୁଲ ଅଭିଭାବକଙ୍କ ବିଇଓ ଅଫିସରେ ଧାରଣା

ରାଜକନିକା, ୨୨।୩(ସମିସ): ପାଞ୍ଚ ଶ୍ରେଣୀକୁ ଜଣେ ଶିକ୍ଷକ। ସେଥିରେ ପୁଣି ଅଫିସ କାମ, ଡାଟା ପୂରଣ, ମଧ୍ୟାହ୍ନ ଭୋଜନ, ଏସବୁକୁ ଦେଖିଲେ କିଛି ବି ପାଠପଢ଼ା ହେଉନାହିଁ। ଆମପିଲା କେହି ନବୋଦୟ କିମ୍ବା ଆଦର୍ଶ ବିଦ୍ୟାଳୟରେ ଭଲ ପ୍ରଦର୍ଶନ କରୁନାହାନ୍ତି। ଆମର ଶିକ୍ଷକ ଦରକାର ବୋଲି ଦାବି ନେଇ ବିଇଓ ଅଫିସରେ ଆଜି ଧାରଣା ଦେଇଥିଲେ ଜୟନଗର ପ୍ରାଥମିକ ବିଦ୍ୟାଳୟର ଅଭିଭାବକ। ଜିଦ କଲେ ଆମକୁ ଆଉ ଜଣେ ଶିକ୍ଷକ ଦିଅନ୍ତୁ। ଅଡୁଆରେ ପଡ଼ିଥିବା ଏବିଇଓ ନିଜ ପୁରୁଣା କୌଶଳରେ ଆମେ କଣ କରିବୁ, ଆଚରଣ ବିଧି ଲାଗିଛି, ପରେ ଶିକ୍ଷକ ଦେବୁ ଭଳି କଥା କହିଲେ ବି ଅଭିଭାବକ ନଛୋଡବନ୍ଧ। ବିଇଓଙ୍କୁ ଡ଼କାଇ ପୁଣି ସେଇ କଥା କହିବାରୁ ଅଭିଭାବକ ଶିକ୍ଷକ ନ ମିଳିଲେ ସ୍କୁଲରେ ତାଲା ପକାଇ ଦେବାକୁ ଧମକ ଦେଇଥିଲେ। ଶେଷରେ ବିଇଓ କେମିତି କ'ଣ କରି ସାତଦିନ ଭିତରେ ଜଣେ ଶିକ୍ଷକ ଦେବାକୁ କହିବାରୁ ଅଭିଭାବକ ଧାରଣରୁ ଉଠିଥିଲେ।

ଏମିତି ଏକ ଘଟଣାକୁ ନେଇ ଆଜି ରାଜକନିକା ବିଇଓ ଅଫିସରେ ଅଭିଭାବକ ଜୁଲମ କରିବା ରାଜକନିକା ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଗୋଟିକ ପରେ ଗୋଟିଏ ସ୍କୁଲ ସିଙ୍ଗଲ ଟିଚର ହେବାରେ ଲାଗିଛି। ଦାୟିତ୍ୱରେ ଥିବା ବିଇଓ, ଏବିଇଓ ଏବଂ ଅଧିକାଂଶ ସିଆରସିସି ପାଠପଢ଼ା ପ୍ରତି ଆଦୌ ସମ୍ବେଦନଶୀଳ ନ ହୋଇ କେବଳ ପ୍ରଶାସନିକ ମଉକା ନେଇ ନିଜର ବ୍ୟକ୍ତିଗତ ପ୍ରତିଷ୍ଠା ଅର୍ଜନ କରୁଥିବା ବେଳେ ଶିକ୍ଷକ ଅଭାବ ଜନିତ ସମସ୍ୟାରୁ ସ୍କୁଲରେ ଶିକ୍ଷାଦାନ ବ୍ୟାହତ ହେବାରେ ଲାଗିଛି। ଆଜି ପୂର୍ବକନିକା ଅଞ୍ଚଳର ଏକ ପ୍ରତିଷ୍ଠିତ ଜୟନଗର ପ୍ରାଥମିକ ସ୍କୁଲରେ ଥିବା ପ୍ରଦୀପ ବିଶ୍ୱାଳ ନାମକ ଶିକ୍ଷକ ସିଆରସିସି ଭାବରେ ପୋଷ୍ଟିଙ୍ଗ ହେବାରୁ ଏଠାରେ ୫ ଶ୍ରେଣୀର ୭୦ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ମାତ୍ର ଜଣେ ଶିକ୍ଷକ ଥିଲେ ବି ବିଇଓ ଅଫିସ ସବୁଜାଣି ସପ୍ତାହେ ହେବ ଚୁପ ଥିବାବେଳେ ଆଜି ଅଭିଭାବକ ଆସି ବିଇଓ ଅଫିସରେ ଧାରଣା ଦେବାରୁ ସ୍ଥିତି ପଦାରେ ପଡ଼ିଥିଲା।



